ଧରିତ୍ରୀ
DHARITRI
ଗୁରୁବାର, ୨୧ ଏପ୍ରିଲ, ୨୦୨୨



## ମନୋଜଙ୍କୁ ମଣ୍ଡଳ ସଭାପତି ଦାୟିତ୍ୱ

**ଢେଙ୍କାନାଳ ଅଫିସ:** ଢେଙ୍କାନାଳ ଜିଲା ଭାଜପାର ବରିଷ୍ଠ ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟଙ୍କ ଶତ୍ରୁଘ୍ନ ଜେନାଙ୍କ ସୁପାରିସକ୍ରମେ ମନୋଜ କୁମାର ବାରିକଙ୍କୁ ବଣସିଂହ ମଣ୍ଡଳ ସଭାପତି ଦାୟିତ୍ୱ ଦିଆଯାଇଛି। ରାଜ୍ୟ ସଭାପତିଙ୍କ ଅନୁମୋଦନକ୍ରମେ ତାଙ୍କୁ ଏହି ପଦବୀରେ ନିଯୁକ୍ତି ଦିଆଯାଇଥିବା ଜିଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର ଘୋଷଣା କରିଛନ୍ତି। ଏ ସଂକ୍ରାନ୍ତରେ ମିଡିଆସେଲ୍ ପ୍ରଭାରୀ ନବକିଶୋର ଗୁରୁ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି।

# ସହଯୋଗରେ ହେବ ସହର ଉନ୍ନତି



ବୈଠକରେ ବିଧାୟକ, ପୌରାଧ୍ୟକ୍ଷାଙ୍କ ସମେତ ଅନ୍ୟମାନେ।

**ଢେଙ୍କାନାଳ ଅଫିସ, ୨୦।୪**

- ପୌର ପରିଷଦର ସାଧାରଣ ବୈଠକ
- ଯନ୍ତ୍ରୀ, ବିଭାଗୀୟ ଅଧିକାରୀଙ୍କୁ ତାଗିଦ୍
- ଜାଗା ମିଶନରେ ଦୁର୍ନୀତି ସହ୍ୟ କରାଯିବ ନାହିଁ

ଢେଙ୍କାନାଳ ପୌର ପରିଷଦର ପ୍ରଥମ ସାଧାରଣ ବୈଠକ ବୁଧବାର ପୌରସଂସ୍ଥା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ଏଥିରେ ଅଧ୍ୟକ୍ଷତା କରି ସମସ୍ତଙ୍କ ସହଯୋଗରେ ସହରାଞ୍ଚଳର ବିକାଶ କାର୍ଯ୍ୟ କରାଯିବ ବୋଲି କହିଥିଲେ। ୱାର୍ଡ ପରିଦର୍ଶନ ବେଳେ ସ୍ଥାନୀୟ କାଉନ୍ସିଲର ଉପସ୍ଥିତ ରହିବେ। ସମସ୍ୟାର ସମାଧାନ ଲାଗି ଆବଶ୍ୟକ ପଦକ୍ଷେପ ନିଆଯିବ। ଗୋଟିଏ ପରିବାର ଭଳି ସମସ୍ତେ ମିଳିମିଶି କାମ କରିବାକୁ ପୌରାଧ୍ୟକ୍ଷା ସମସ୍ତ କାଉନ୍ସିଲରଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

ବୈଠକରେ ଉପସ୍ଥିତ ବିଧାୟକ ସୁଧୀର ସାମଲ କହିଲେ, ସହରାଞ୍ଚଳବାସୀଙ୍କ ପାଇଁ ରାଜ୍ୟ ସରକାର ବହୁ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏହାର ଉଚିତ କାର୍ଯ୍ୟାନ୍ୱୟନ ଜରୁରୀ। ଜାଗା ମିଶନ ଯୋଜନାରେ ଲାଞ୍ଚ ଅଭିଯୋଗ ଆସୁଛି। ଏହାକୁ ସହ୍ୟ କରାଯିବ ନାହିଁ। ଅଭିଯୋଗ ପ୍ରମାଣିତ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଧାୟକ ପୌର ନିର୍ବାହୀ ଅଧିକାରୀ ଓ ଯନ୍ତ୍ରୀଙ୍କୁ ତାଗିଦ୍ କରିଛନ୍ତି। ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁର ପୌରସଂସ୍ଥା କାର୍ଯ୍ୟରେ ବାହାର ଲୋକଙ୍କ ହସ୍ତକ୍ଷେପକୁ ପ୍ରଶ୍ରୟ ଦିଆଯିବନାହିଁ ବୋଲି କହିଥିଲେ। ଏମ୍‌ପିଙ୍କ ପ୍ରତିନିଧି ରୁଦ୍ରାନ୍ତ ଦଳେଇ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ଗୁରୁତ୍ୱାରୋପ କରିଥିଲେ।

ନିର୍ବାହୀ ଅଧିକାରୀ ଅତନୁ ସାମନ୍ତ ପୌରସଂସ୍ଥାର ବିଭିନ୍ନ ଗଠନମୂଳକ କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ୨୦୨୧-୨୨ ଆର୍ଥିକ ବର୍ଷରେ ସହରାଞ୍ଚଳରେ ୨୪ କୋଟି ଟଙ୍କାର ବିକାଶମୂଳକ କାର୍ଯ୍ୟ କରାଯାଉଥିବା ଯନ୍ତ୍ରୀ ରଶ୍ମିତା ମିଶ୍ର ସୂଚନା ଦେଇଛନ୍ତି। ସମସ୍ତ ୨୩ ୱାର୍ଡର କାଉନ୍ସିଲର ନିଜ ନିଜର ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଅପରାହ୍ନରେ ଗୋପବନ୍ଧୁ ଟାଉନ ହଲ୍‌ରେ ସହରାଞ୍ଚଳ ଆବାସ ଯୋଜନାରେ ବିଧାୟକ, ପୌରାଧ୍ୟକ୍ଷା, ଉପାଧ୍ୟକ୍ଷ ଏବଂ କାଉନ୍ସିଲରଙ୍କ ଉପସ୍ଥିତିରେ ୯୫ଜଣଙ୍କୁ ପଟ୍ଟା ଓ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା।

## ସମ୍ମିଳନୀ କକ୍ଷରେ ଗଙ୍ଗାପାଣି ସିଞ୍ଚନ

ପୌର ପରିଷଦର ପ୍ରଥମ ବୈଠକରେ ବିଜେଡି କାଉନ୍ସିଲରଙ୍କ ଦ୍ୱାରା ଗଙ୍ଗାପାଣି ସିଞ୍ଚନ କରାଯିବା ଆଲୋଚନାର ବିଷୟ ପାଲଟିଛି। ବୈଠକ ପୂର୍ବରୁ ପ୍ରଥମେ ପୌରାଧ୍ୟକ୍ଷା ଏବଂ ଭାଜପାର ସମସ୍ତ କାଉନ୍ସିଲର ସମ୍ମିଳନୀ କକ୍ଷରେ ପ୍ରବେଶ କରି ବସିଥିଲେ। କିଛି ସମୟ ପରେ ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁରଙ୍କ ସମେତ ସମସ୍ତ ବିଜେଡି କାଉନ୍ସିଲର ପ୍ରବେଶ କରିଥିଲେ। ତେବେ ଆସନରେ ବସିବା ଆଗରୁ ପ୍ରକାଶ କହିଲେ, ଏହି ସମ୍ମିଳନୀ କକ୍ଷରେ ଅସାମାଜିକ ବ୍ୟକ୍ତିମାନେ ବସୁଥିଲେ। ତେଣୁ ଏହାକୁ ଗଙ୍ଗାଜଳ ସିଞ୍ଚନ କରି ପବିତ୍ର କରାଯିବ। ଏହାପରେ ୩ନଂ. ୱାର୍ଡ ବିଜେଡି କାଉନ୍ସିଲର ଅଭିମନ୍ୟୁ ପଣ୍ଡା ମନ୍ତ୍ରୀ ପଢ଼ି କକ୍ଷରେ ଗଙ୍ଗାଜଳ ଛିଞ୍ଚିଥିଲେ। ବିଧାୟକ, ପୌର ନିର୍ବାହୀ ଅଧିକାରୀ, ଏମ୍‌ପିଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଘଟିଥିବା ଏହି ଘଟଣା ସାଧାରଣରେ ଆଲୋଚନାର ବିଷୟ ହୋଇଛି।


ସମ୍ମିଳନୀ କକ୍ଷରେ ଗଙ୍ଗାଜଳ ସିଞ୍ଚନ କରାଯାଉଛି।

## ଅଗ୍ନିକାଣ୍ଡରେ ପରିବାର ସର୍ବସ୍ୱାନ୍ତ


ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ସୁବଳଙ୍କ ଘର।

**ଭୁବନ, ୨୦।୪(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସି ଅଧୀନ ଅରାସାହିରେ ବୁଧବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ସୁବଳ ବେହେରାଙ୍କ ୪ ବଖରା ଘର ଜଳିପୋଡ଼ି ଛାରଖାର ହୋଇଛି। ଅଗ୍ନିକାଣ୍ଡରେ କେହି ମୃତାହତ ହୋଇ ନ ଥିବାବେଳେ ପିନ୍ଧାଲୁଗା ବ୍ୟତୀତ ସର୍ବସ୍ୱ ହରାଇ ସର୍ବସ୍ୱାନ୍ତ ହୋଇପଡ଼ିଛନ୍ତି ସୁବଳଙ୍କ ପରିବାର।

ସୁବଳଙ୍କ ଘର ଲୋକେ ଖାଇପିଇ ଶୋଇଥିବାବେଳେ ହଠାତ୍ ଅଗ୍ନିକାଣ୍ଡ ଘଟିଥିଲା। ସ୍ଥାନୀୟ ଲୋକେ ନିଆଁ ଲିଭାଇବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ସୂଚନା ପାଇ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ତେବେ ସେତେବେଳକୁ ସବୁକିଛି ଛାରଖାର ହୋଇଯାଇଥିଲା। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ଅଛି। ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ନଗରପାଳ ଶୁଭେନ୍ଦୁ ସାହୁ, ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ ପ୍ରମୁଖ ପହଞ୍ଚି ବିପନ୍ନ ପରିବାରକୁ ଆଶ୍ୱାସନା ଜଣାଇଛନ୍ତି। ମନ୍ତ୍ରୀ କ୍ଷତିଗ୍ରସ୍ତ ସୁବଳଙ୍କୁ ୨୦୦୦ ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ଭୁବନ ଆର୍‌ଆଇ କ୍ଷୟକ୍ଷତି ଆକଳନ କରି ତହସିଲଦାରଙ୍କୁ ରିପୋର୍ଟ ଦେଇଛନ୍ତି। ନିୟମ ଅନୁଯାୟୀ ସରକାରୀ ସହାୟତା ପ୍ରଦାନ କରିବାକୁ ମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ସଂକ୍ଷେପରେ

### ପଥର ଖଣିରୁ ବିସ୍ଫୋରକ ଜବତ

**ରାସୋଲ, ୨୦।୪(ଡି.ଏନ୍.ଏ.):** ହିନ୍ଦୋଳ ବ୍ଲକ ରାସୋଲ ଥାନା ଅନ୍ତର୍ଗତ କାରନ୍ଦାସ୍ଥିତ ଏକ ବେଆଇନ ମୁଗୁନି ପଥର ଖଣିରୁ ପୋଲିସ ନିଷିଦ୍ଧ ବିସ୍ଫୋରକ ସାମଗ୍ରୀ ଜବତ କରିଛି। ଏହି ଘଟଣାରେ ପଥର ଖାଦାନ ଚଳାଇଥିବା ଦୁଃଖବନ୍ଧୁ ସାହୁ ଓରଫ୍ ମୁଳିଆଙ୍କୁ ଗିରଫ କରାଯାଇଛି। ଘଟଣାସ୍ଥଳରୁ ୬ଟି ଜିଲୋଟିନ୍ ଷ୍ଟିକ୍, ୪ କେ.ଜି. ବିଦ୍ୟୁତ୍ ତାର, ଗୋଟିଏ ଟିପ୍ପର ଜବତ ହୋଇଛି। ବିସ୍ଫୋରକ ସାମଗ୍ରୀ ବ୍ୟବହାର କରି ପଥର ଫୁଟାଯାଉଥିବା ସୂଚନା ପାଇ ଥାନାଧିକାରୀ ବିଜୟ କୁମାର ହାଇବ୍ରୁଙ୍କ ନେତୃତ୍ୱରେ ଏସ୍‌ଆଇ ରମେଶ ଚନ୍ଦ୍ର ସ୍ୱାଇଁ ଏବଂ ଅନ୍ୟ ପୋଲିସ କର୍ମଚାରୀ ବୁଧବାର ସକାଳେ ଚଢ଼ାଉ କରିଥିଲେ। ଅଞ୍ଚଳରେ ଥିବା ବହୁ ପଥର ଖଣିରେ ଏଭଳି ନିଷିଦ୍ଧ ବିସ୍ଫୋରକ ବ୍ୟବହାର କରାଯାଉଥିବା ଜଣାପଡ଼ିଛି। ଖୁବ୍‌ଶୀଘ୍ର ସମ୍ପୃକ୍ତ ଖାଦାନଗୁଡ଼ିକରେ ଚଢ଼ାଉ କରାଯିବ ବୋଲି ଆଇଆଇସି ସୂଚନା ଦେଇଛନ୍ତି।

### କେନ୍ଦ୍ରୀୟ ଯୋଜନାର ସୁଫଳ ଲୋକଙ୍କୁ ଜଣାଅ

**ସାତମାଇଲ, ୨୦।୪(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଗଇଲୋଛକ ନିକଟ ଆବାସିକ ବିଦ୍ୟାଳୟରେ ବୁଧବାର ଭାଜପାର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ ଯୋଜନାର ସୁଫଳ ଲୋକଙ୍କୁ ଜଣାଇବାକୁ ଦଳୀୟ କର୍ମୀଙ୍କୁ ଉପସ୍ଥିତ ନେତୃବୃନ୍ଦ ପରାମର୍ଶ ଦେଇଛନ୍ତି। ମଣ୍ଡଳ ସଭାପତି ବନୋଜ ରଥଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଜିଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ଭାବେ ପର୍ଯ୍ୟବେକ୍ଷକ ତଥା କଟକ ଜିଲା ସାଧାରଣ ସମ୍ପାଦକ ରାମନାରାୟଣ ମହାନ୍ତି, ସହ ପର୍ଯ୍ୟବେକ୍ଷକ ରାଜ୍ୟ କୃଷକ ମୋର୍ଚ୍ଚା ସଂଯୋଜକ ଅଜୟ ସ୍ୱାଇଁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଞ୍ଜଳି ବେହେରାଙ୍କ ସମେତ ଇତିଶ୍ରୀ ସାହୁ, ସୁଶାନ୍ତ ପତି, ସହଦେବ ପୃଷ୍ଟି, ପ୍ରଶାନ୍ତ ପ୍ରଧାନ, ରଣଜିତ୍ ନାୟକ ପ୍ରମୁଖ ଯୋଗଦେଇ ସଙ୍ଗଠନକୁ ସୁଦୃଢ଼ କରିବାକୁ ପରାମର୍ଶ ଦେଇଥିଲେ। ମଣ୍ଡଳସ୍ତରୀୟ ବହୁ କର୍ମୀ ଆଲୋଚନାରେ ଭାଗ ନେଇଥିଲେ।

### ଜଙ୍ଗଲରେ ପାଣି ବ୍ୟବସ୍ଥା କଲା 'ଯୁବଶକ୍ତି'



**ପରଜଙ୍ଗ, ୨୦।୪(ଡି.ଏନ.ଏ.):** ସପ୍ତାହେ ହେଲା ସାରା ରାଜ୍ୟରେ ଜାରି ରହିଥିବା ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇଲାଣି। ସଂରକ୍ଷିତ ଜଙ୍ଗଲରେ ମଧ୍ୟ ଏହାର ପ୍ରଭାବ ଅନୁଭୂତ ହେଲାଣି। ଜଙ୍ଗଲର କ୍ଷୁଦ୍ର ଜଳାଶୟ ଶୁଖିଲା ପଡ଼ିଥିବାବେଳେ ପାଣି ପାଇଁ ଡହଳବିକଳ ହେଉଛନ୍ତି ପଶୁପକ୍ଷୀଠାରୁ ଆରମ୍ଭ କରି ସରୀସୃପ। ସେମାନେ ପାଣି ପାଇଁ ଜନବସତିମୁହାଁ ହୋଇ ଶିକାରୀଙ୍କ ହାବୁଡ଼ରେ ପଡୁଛନ୍ତି। ଏହାକୁ ନେଇ ଚିନ୍ତାବ୍ୟକ୍ତ କରିଛି ସାମାଜିକ ସଙ୍ଗଠନ 'ଯୁବଶକ୍ତି ସମର୍ପିତ ଓଡ଼ିଶା'। ତୃଷିତ ବନ୍ୟପ୍ରାଣୀଙ୍କୁ ଜଳକଷ୍ଟରୁ ବଞ୍ଚାଇବା ପାଇଁ ସଙ୍ଗଠନ ପକ୍ଷରୁ ପରଜଙ୍ଗ ବ୍ଲକର ବାରିହାପୁର ଏବଂ ବସୋଇ ସଂରକ୍ଷିତ ଜଙ୍ଗଲରେ ପିଇବା ଜଳ ବ୍ୟବସ୍ଥା କରାଯାଇଛି। ଅଧ୍ୟକ୍ଷ ହିମାଂଶୁ ଭୂଷଣ ବାରିକଙ୍କ ତତ୍ତ୍ୱାବଧାନରେ ପକ୍ଷୀଙ୍କ ପାଇଁ ଗଛରେ ପାଣିକୁଣ୍ଡ ବନ୍ଧାଯାଇଛି। ସଦସ୍ୟ ଲିଟୁ ମାଝି, ସୁଶୀଲ ସାହୁ, ନନ୍ଦକିଶୋର ପାତ୍ର, ଟିଣ୍ଟୁ ମାଝି, ବାଦଲ ସାହୁ, ବର୍ଣ୍ଣି ସାମଲ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ବନ ବିଭାଗ ପକ୍ଷରୁ ଜଙ୍ଗଲରେ ସ୍ଥାୟୀ ପାଣିକୁଣ୍ଡ ନିର୍ମାଣ କରାଗଲେ ଅନେକାଂଶରେ ସମସ୍ୟାର ସମାଧାନ ହୋଇପାରିବ ବୋଲି ଅଧ୍ୟକ୍ଷ ପରାମର୍ଶ ଦେଇଛନ୍ତି।

### ପ୍ରଫୁଲ୍ଲ କରଙ୍କ ବିୟୋଗରେ ସ୍ମୃତିସଭା

**ଭୁବନ, ୨୦।୪(ଡି.ଏନ୍.ଏ.):** ଭୁବନ ବ୍ଲକ ପୁରୁଷୋତ୍ତମପୁର ଗ୍ରାମରେ ବ୍ରାହ୍ମଣୀ ସାହିତ୍ୟ ସଂସଦ ପକ୍ଷରୁ ସ୍ୱନାମଧନ୍ୟ ସଙ୍ଗୀତଜ୍ଞ ପ୍ରଫୁଲ୍ଲ କରଙ୍କ ବିୟୋଗରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି ଶାନ୍ତନୁ ଦାସଙ୍କ ଅଧ୍ୟକ୍ଷତାରେ ବରିଷ୍ଠ କର୍ମକର୍ତ୍ତା ସନ୍ତୋଷ ଦ୍ୱିବେଦୀ, କୁଞ୍ଜବିହାରୀ ମିଶ୍ର, ଅର୍ଜୁନ ମିଶ୍ର, ବିଭୂତି ଦ୍ୱିବେଦୀ, କ୍ଷୀରୋଦ ମିଶ୍ର, କବୟିତ୍ରୀ ବିଳାସିନୀ ମିଶ୍ର ଯୋଗଦେଇ ପ୍ରଫୁଲ୍ଲଙ୍କ ଜୀବନାଦର୍ଶ, ସଙ୍ଗୀତ ଜୀବନ ଏବଂ ସାହିତ୍ୟକୃତି ଉପରେ ଆଲୋକପାତ କରିଥିଲେ। ସମ୍ପାଦକ ପ୍ରଶାନ୍ତ ଦ୍ୱିବେଦୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ଅଭିନୟ କଳାକାରଙ୍କ ପରିଚୟ'



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

**ଭୁବନ, ୨୦।୪(ଡି.ଏନ୍.ଏ.)**

ଅଭିନୟ ହେଉଛି କଳାକାରଙ୍କ ପରିଚୟ। ନୃତ୍ୟସଙ୍ଗୀତ କେବଳ ମନୋରଞ୍ଜନର ମାଧ୍ୟମ ନୁହେଁ, ଏହା ଶରୀର ଓ ମନକୁ ପ୍ରଫୁଲ୍ଲିତ ରଖିବାରେ ସହାୟକ ହୋଇଥାଏ। ଏଥିସହ ଜଣେ ଶିଳ୍ପୀକୁ ଜନମାନସରେ ପରିଚିତ କରାଇଥାଏ ବୋଲି କହିଛନ୍ତି ଓଲିଉଡ୍‌ର ପ୍ରସିଦ୍ଧ ସଙ୍ଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ବିକାଶ ଦାସ। ଭୁବନ ମୀରାବାଈ କଳାବିକାଶ କେନ୍ଦ୍ରର ଅଷ୍ଟମ ବାର୍ଷିକ ଉତ୍ସବ ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି।

ଅନୁଷ୍ଠାନର ସମ୍ପାଦକ ଭଗବାନ ଗୁରୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟବକ୍ତା ଭାବେ କଣ୍ଠଶିଳ୍ପୀ ବନ୍ଦିତା ରାୟ, ସମ୍ମାନିତ ଅତିଥି ବିଡିଓ ଆଶୀର୍ବାଦ ବେହେରା, ଏନ୍‌ଏସି ନିର୍ବାହୀ ଅଧିକାରୀ ଶ୍ୟାମସୁନ୍ଦର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଭୁବନ ଅଞ୍ଚଳର କଳାକାରଙ୍କୁ ରାଜ୍ୟରେ ପରିଚୟ ଦେବାରେ ମୀରାବାଈ କଳାବିକାଶ କେନ୍ଦ୍ରର ଉଦ୍ୟମ ପ୍ରଶଂସନୀୟ। ଅନୁଷ୍ଠାନର କଳାକାରମାନେ ଜାତୀୟସ୍ତରରେ ଦକ୍ଷତା ପ୍ରଦର୍ଶନ କରି ରାଜ୍ୟର ଗୌରବ ବଢ଼ାଇବାକୁ ଅତିଥିମାନେ ଆହ୍ୱାନ ଦେଇଛନ୍ତି।

ଅନ୍ତିମ ସନ୍ଧ୍ୟାରେ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ପରିବେଷିତ ଶହୀଦ ବାଜି ରାଉତ ଏବଂ ଶକ୍ତିସ୍ୱରୂପିଣୀ ମା' ଦୁର୍ଗାଙ୍କ ଉପରେ ଆଧାର ନୃତ୍ୟାଭିନୟ ବେଶ୍ ଚିତ୍ତାକର୍ଷକ ହୋଇଥିଲା। ଏହି ଉପଲକ୍ଷେ ମୁଖ୍ୟ ଅତିଥି, ମୁଖ୍ୟବକ୍ତାଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଚଳିତବର୍ଷ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ୩ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମ ପରିଚାଳନାରେ ଅନୁଷ୍ଠାନର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



କଳାକାରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

# ଧରାପଡ଼ିଲେ ନୃପତି, ନିରଞ୍ଜନ

**ପୂର୍ବତନ ୱାର୍ଡସଭ୍ୟ ହତ୍ୟାକାଣ୍ଡ ମାମଲା**


ଗିରଫ ଦୁଇ ଅଭିଯୁକ୍ତ ।


ଜବତ ବନ୍ଧୁକ ଓ ଖଣ୍ଡା।

**ଢେଙ୍କାନାଳ ଅଫିସ, ୨୦।୪**

ଢେଙ୍କାନାଳ ସଦର ଥାନା କନ୍ଧପାଳ ଗ୍ରାମରେ ପୋଖରୀ ଖୋଳାକୁ କେନ୍ଦ୍ରକରି ରବିବାର ପୂର୍ବତନ ୱାର୍ଡସଭ୍ୟ ଦଳେଇ ନାୟକ (୫୬)ଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ନୃପତି ନାୟକ ଓରଫ୍ ନୁରୁ ଏବଂ ତାଙ୍କ ଭାଇ ନିରଞ୍ଜନ ନାୟକଙ୍କୁ ପୋଲିସ ଗିରଫ କରିଛି। ଏଥିପୂର୍ବରୁ ନୃପତିଙ୍କ ବାପା ଅଭିମନ୍ୟୁ ନାୟକ ଏବଂ ସହଯୋଗୀ ବେଣୁଧର ନାୟକ ଗିରଫ ହୋଇଥିଲେ। ଏହାକୁ ମିଶାଇ ହତ୍ୟାକାଣ୍ଡ ଘଟଣାରେ ଗିରଫ ଅଭିଯୁକ୍ତଙ୍କ ସଂଖ୍ୟା ୪ରେ ପହଞ୍ଚିଛି।

ହତ୍ୟାକାଣ୍ଡ ପରେ ନୃପତି ଏବଂ ନିରଞ୍ଜନ ଫେରାର ହୋଇଯାଇଥିଲେ। ଉଭୟେ ନମିଚିରା ଗ୍ରାମ ଜଙ୍ଗଲରେ ଲୁଚିଥିବା ସୂଚନା ପାଇ ପୋଲିସ ଚଢ଼ାଉ କରିଥିଲା। ସେମାନଙ୍କ ନିକଟରୁ ହତ୍ୟାରେ ବ୍ୟବହୃତ ବନ୍ଧୁକ ଏବଂ ଖଣ୍ଡା ଜବତ ହୋଇଛି। ଅନ୍ୟପଟେ ହତ୍ୟାକାଣ୍ଡ ପରେ ମୃତ ଦଳେଇଙ୍କ ସମର୍ଥକୀୟଙ୍କ ଆକ୍ରମଣରେ ନୃପତିଙ୍କ ସ୍ତ୍ରୀ ସାରଥି ଏବଂ ତାଙ୍କ ୩ବର୍ଷର ଶିଶୁପୁତ୍ର ଗୁରୁତର ହୋଇ କଟକରେ ଚିକିତ୍ସାଧୀନ ଅଛନ୍ତି। ଏ ନେଇ ସଦର ଥାନାରେ ନଂ. ୧୮୭/୨୨ରେ ଏକ ମାମଲା ରୁଜୁ ହୋଇଛି। ତେବେ ପୋଲିସ କୌଣସି ଅଭିଯୁକ୍ତଙ୍କୁ ଗିରଫ କରିନାହିଁ। ଅନ୍ୟପଟେ ଗ୍ରାମରେ ଏବେ ବି ଚାପା ଉତ୍ତେଜନା ଲାଗିରହିଛି। କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ଏଡ଼ାଇବାକୁ ଗ୍ରାମରେ ପୋଲିସ ମୁତୟନ ହୋଇଛନ୍ତି। ଏ ସଂକ୍ରାନ୍ତରେ ଏସ୍‌ଡିପିଓ ବିକାଶ ବେଉରା କୁହନ୍ତି, ଦଳେଇ ନାୟକ ହତ୍ୟାକାଣ୍ଡ ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୪ଜଣ ଗିରଫ ହୋଇସାରିଲେଣି। ଅନ୍ୟମାନେ ଖୁବ୍‌ଶୀଘ୍ର ଧରାପଡ଼ିବେ।

ସୂଚନାଯୋଗ୍ୟ, ଗ୍ରାମରେ ପୋଖରୀ ଖୋଳାକୁ କେନ୍ଦ୍ରକରି ନୃପତି ଏବଂ ତାଙ୍କ ସହଯୋଗୀ ମିଶି ଦଳେଇଙ୍କୁ ଗୁଳିକରି ହତ୍ୟା କରିଥିଲେ। ଏଥିରେ ପ୍ରତିଶୋଧ ପରାୟଣ ହୋଇ ଦଳେଇଙ୍କ ପରିବାର ଲୋକେ ନୃପତିଙ୍କ ସ୍ତ୍ରୀ, ଶିଶୁପୁତ୍ରଙ୍କୁ ଆକ୍ରମଣ କରିବା ସହ ଅଭିଯୁକ୍ତ ନିରଞ୍ଜନଙ୍କ ଘର ପୋଡ଼ି ଦେଇଥିଲେ।

# ୮ ପ୍ରମୁଖ ସମସ୍ୟାକୁ ଅଗ୍ରାଧିକାର


ବୈଠକରେ ମନ୍ତ୍ରୀ, ନଗରପାଳଙ୍କ ସମେତ ଅନ୍ୟମାନେ।

**ଭୁବନ, ୨୦।୪(ଡି.ଏନ୍.ଏ.)**

- ଭୁବନ ଏନ୍‌ଏସିର ପ୍ରଥମ କାଉନ୍‌ସିଲ ବୈଠକ
- ପାନୀୟ ଜଳ ସମସ୍ୟା ସମାଧାନକୁ ଗୁରୁତ୍ୱ

ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସିର ପ୍ରଥମ କାଉନ୍‌ସିଲ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ନିର୍ବାଚିତ ଜନପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ଏନ୍‌ଏସିର ମୁଖ୍ୟ ୨୧ଟି ସମସ୍ୟା ବିଷୟରେ ଆଲୋଚନା କରାଯାଇଥିଲା। ତନ୍ମଧ୍ୟରୁ ୮ଟିକୁ ଅଗ୍ରାଧିକାର ଦିଆଯାଇଛି। ସହରରେ ଲାଗି ରହିଥିବା ପାନୀୟ ଜଳ ସମସ୍ୟାର ତ୍ୱରିତ ସମାଧାନ କରିବା ଲାଗି ନିଷ୍ପତ୍ତି ହୋଇଛି।

ନଗରପାଳ ଶୁଭେନ୍ଦୁ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ଉପାଧ୍ୟକ୍ଷା ମାନିନୀ ସାହୁ, ଏମ୍‌ପିଙ୍କ ପ୍ରତିନିଧି ମାତୃପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ୧୫ ୱାର୍ଡର ନିର୍ବାଚିତ କାଉନ୍‌ସିଲରମାନେ ନିଜ ଅଞ୍ଚଳର ସମସ୍ୟା ଉପସ୍ଥାପନ କରିଥିଲେ। ସହକାରୀ ଯନ୍ତ୍ରୀ ସୁରେନ୍ଦ୍ରନାଥ ସାହୁ ଏ ସଂକ୍ରାନ୍ତ ବିସ୍ତୃତ ଆଲୋଚନା କରିବା ସହ ତଥ୍ୟ ରଖିଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ୮ଟି ସମସ୍ୟାକୁ ଅଗ୍ରାଧିକାର ଭିତ୍ତିରେ ସମାଧାନ କରିବାକୁ ସ୍ଥିର କରାଯାଇଛି। ତନ୍ମଧ୍ୟରେ ପୋଖରୀ ପୁନରୁଦ୍ଧାର, ବୁଦ୍ଧେଶ୍ୱର ଶୈବପୀଠରେ ନୂତନ ପାର୍କ ନିର୍ମାଣ, ରଗଡ଼ି ଛକ ସମେତ ବିଭିନ୍ନ ସ୍ଥାନରେ ସେଲ୍‌ଫି ପଏଣ୍ଟ, ଗୋଷ୍ଠୀ ଶୌଚାଳୟ ବିଦ୍ୟୁତୀକରଣ, ଏନ୍‌ଏସି କାର୍ଯ୍ୟାଳୟ ନବକଳେବର, କର୍ମଚାରୀଙ୍କ ପାଇଁ ବାୟୋମେଟ୍ରିକ୍ ବ୍ୟବସ୍ଥା, ରଗଡ଼ି ଛକରୁ ଜାତୀୟ ରାଜପଥକୁ ରିଂରୋଡ୍ ନିର୍ମାଣ, ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୋଜନାରେ ସାମିଲ, ପାନୀୟ ଜଳ ସମସ୍ୟାର ସମାଧାନ କରିବା ଆଦି ରହିଛି। ଏହି ଅବସରରେ କେତେଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ନିର୍ବାହୀ ଅଧିକାରୀ ଶ୍ୟାମସୁନ୍ଦର ସାହୁ ବିବରଣୀ ପାଠ କରିଥିଲେ। ଏନ୍‌ଏସି କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।

# ଉପାନ୍ତ ଛୁଇଁବ ବିକାଶ

- ମାଇକ୍ରୋ ପ୍ଲାନ୍ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ
- ଅସମ୍ପୂର୍ଣ୍ଣ ଆବାସ କାମ ସାରିବାକୁ ଗୁରୁତ୍ୱ

**ଢେଙ୍କାନାଳ ଅଫିସ, ୨୦।୪**

ଶିଳ୍ପଜିଲା ଢେଙ୍କାନାଳର ଉପାନ୍ତ ଅଞ୍ଚଳରେ ପହଞ୍ଚି ପାରୁନାହିଁ ବିକାଶ। ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି ସେଠାକାର ଲୋକେ। ସମସ୍ୟାର ସମାଧାନ ପାଇଁ ବାରମ୍ବାର ବୈଠକ, ଆଲୋଚନା କରାଯାଉଥିଲେ ମଧ୍ୟ ଯୋଜନାର ବାସ୍ତବ ରୂପରେଖ ଜଣାପଡୁନାହିଁ। ଦୁର୍ଗମାଞ୍ଚଳରେ ବିକାଶ ପହଞ୍ଚାଇବାକୁ ମାଇକ୍ରୋ ପ୍ଲାନିଂ କରିବା ଏବଂ ପ୍ରତି ମାସରେ ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିବା ପାଇଁ ସମ୍ପୃକ୍ତ ବ୍ଲକର ବିଡିଓ ଏବଂ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଜିଲାପାଳ ସରୋଜ କୁମାର ସେଠୀ। ଏଥିସହ ଜିଲାର ସମସ୍ତ ୨୧୨ ପଞ୍ଚାୟତରେ ମଡେଲ ପାର୍କ, ପୋଖରୀ, ପ୍ରଶସ୍ତ ରାସ୍ତା ନିର୍ମାଣ, ଲୋକଙ୍କ ରୋଜଗାର ବୃଦ୍ଧିକୁ ଅଗ୍ରାଧିକାର ଦେଇ ପ୍ରକଳ୍ପ ନିର୍ମାଣ, ଶ୍ରମଭିତ୍ତିକ କାର୍ଯ୍ୟ ଉପରେ ଗୁରୁତ୍ୱ ଦେବା, ଶ୍ରମଜୀବୀଙ୍କୁ ରୋଜଗାରକ୍ଷମ କରାଇବା, ଋଣ ପ୍ରଦାନ କରି ସ୍ୱାବଲମ୍ବୀ କରିବା, ସାମାଜିକ ସୁରକ୍ଷା ପ୍ରଦାନ ଉପରେ ଧ୍ୟାନ ଦେବା, ନୂଆ ନଳକୂପ ଖନନ, ଅଚଳ ସୋଲାର ପମ୍ପ କାର୍ଯ୍ୟକ୍ଷମ କରି ପାନୀୟଜଳ ଯୋଗାଣ ନିଶ୍ଚିତ କରିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି।

ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ସମୀକ୍ଷା ବୈଠକରେ ଆବାସ ଯୋଜନାରେ ଅସମ୍ପୂର୍ଣ୍ଣ କାର୍ଯ୍ୟ ସାରିବା ଉପରେ ଗୁରୁତ୍ୱ ଦେବାକୁ ପିଡି ଡିଆର୍‌ଡିଏ ସାଫଲ୍ୟ ମଣ୍ଡିତ ପ୍ରଧାନ ବିଡିଓମାନଙ୍କୁ କହିଛନ୍ତି। ଜଳଛାୟା ମିଶନ, ଉଦ୍ୟାନ, ବିଭାଗ, ବନ ବିଭାଗ, କ୍ଷୁଦ୍ର ଜଳସେଚନ ବିଭାଗ, ସେରି କଲଚର ଆଦି ଲାଇନ୍ ଡିପାର୍ଟମେଣ୍ଟ କାର୍ଯ୍ୟରେ ସ୍ୱଚ୍ଛତା ରଖିବା ପାଇଁ ପରାମର୍ଶ ଦିଆଯାଇଛି। ବର୍ଷାଦିନେ ସ୍ୱୟଂ ସହାୟକ ଗୋଷ୍ଠୀ ସହାୟତାରେ ବନୀକରଣ କରାଯିବ। ଜୀବିକା ମିଶନ କାର୍ଯ୍ୟକ୍ରମରେ ପ୍ରାଣୀପାଳନ, ଛତୁ, ଫୁଲ ଓ ମହୁଚାଷ ପ୍ରଶିକ୍ଷଣକୁ ଅଗ୍ରାଧିକାର ଦିଆଯିବ। ବର୍ଜ୍ୟବସ୍ତୁ ପରିଚାଳନା, ବାସଗୃହ ପରିସରରେ କମ୍ପୋଷ୍ଟ ପିଟ୍ ଏବଂ ସୋକପିଟ୍ ନିର୍ମାଣ ଉପରେ ଧ୍ୟାନ ଦିଆଯିବ। ଯୋଗ୍ୟ ଚାଷୀ କିଷାନ କ୍ରେଡିଟ୍ କାର୍ଡ ପାଇବେ। ଚଳିତମାସ ଶେଷସୁଦ୍ଧା ସମସ୍ତ ଶିକ୍ଷାନୁଷ୍ଠାନ, ଅଙ୍ଗନୱାଡି କେନ୍ଦ୍ରରେ ପାନୀୟ ଜଳ, ଶୌଚାଳୟ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗ୍ରାମସଭାରେ ସମସ୍ୟା ବୁଝି ଅଗ୍ରାଧିକାର ଭିତ୍ତିରେ ଯୋଜନା ପ୍ରସ୍ତୁତ କରିବାକୁ ବିଡିଓ ଏବଂ ପ୍ରୋଗ୍ରାମ ଅଫିସରଙ୍କୁ କୁହାଯାଇଛି। ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ (ପ୍ରଶାସନ) ସରୋଜ ଦତ୍ତ, ଗ୍ରାମ୍ୟଜଳଯୋଗାଣ ଓ ପରିମଳ ଅଧିକ୍ଷଣ ଯନ୍ତ୍ରୀ ସୁରେନ୍ଦ୍ର ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।



ବୈଠକରେ ଜିଲାପାଳଙ୍କ ସମେତ ବିଭିନ୍ନ ବିଭାଗର ପଦସ୍ଥ ଅଧିକାରୀମାନେ।

## ସଂକ୍ଷେପରେ

### ଅଗ୍ନିଶମ ଅଧିକାରୀ ସମ୍ମାନିତ



**ଅନୁଗୋଳ ଅଫିସ,୨୦।୪:** ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଅନୁଗୋଳ ଅଗ୍ନିଶମ କେନ୍ଦ୍ରରେ କାର୍ଯ୍ୟରତ ସହକାରୀ ଅଗ୍ନିଶମ ଅଧିକାରୀ ପ୍ରଶାନ୍ତ କୁମାର ଧଳଙ୍କୁ ଡିଜି ଫାୟାର ସର୍ଭିସ ଡିସ୍କ ପଦକ ପ୍ରଦାନ କରାଯାଇଛି। ଜାତୀୟ ଅଗ୍ନି ସେବା ସପ୍ତାହ ପାଳନ ଅବସରରେ ବୁଧବାର କଟକସ୍ଥିତି ଡିଜିପି ଫାୟାର ସର୍ଭିସଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ପଦକ ପ୍ରଶାନ୍ତଙ୍କୁ ପ୍ରଦାନ କରାଯାଇଛି। ଅଗ୍ନିଶମ ସଂସ୍ଥାରେ କାର୍ଯ୍ୟ କୁଶଳତାର ପରିଚୟ ଦେବା ସଙ୍ଗେ ସଙ୍ଗେ ଉଚ୍ଚ ପରମ୍ପରା ବଜାୟ ରଖି ଅନୁକରଣୀୟ ଦୃଷ୍ଟାନ୍ତ ପ୍ରସ୍ତୁତ କରିଥିବା ପ୍ରଶଂସା ପତ୍ରରେ କୁହାଯାଇଛି।

# ପ୍ରଶଂସା ସାଉଣ୍ଟିଲେ କଳାକାର

**ତାଳଚେର,୨୦।୪(ନି.ପ୍ର.)**

### ହିଙ୍ଗୁଳା ଲୋକ ମହୋତ୍ସବ



ଲୋକ ମହୋତ୍ସବର ୫ମ ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ।

ତାଳଚେର ଗୋପାଳପ୍ରସାଦସ୍ଥିତ ମା' ହିଙ୍ଗୁଳାଙ୍କ ବାର୍ଷିକ ଯାତ୍ରା ଅବସରରେ ଚାଲିଥିବା ୧୮ତମ ଲୋକ ମହୋତ୍ସବର ପଞ୍ଚମ ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ହୃଦୟ ଜିଣିଛି। ମୁଖ୍ୟଅତିଥି ଭାବେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ରଜନୀକାନ୍ତ ସିଂହ, ସମ୍ମାନିତ ଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ଛେଣ୍ଡିପଦା ବିଧାୟକ ସୁଶାନ୍ତ ବେହେରା, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଓ ପାଲଲହଡା ବିଧାୟକ ମୁକେଶ ପାଲ ପ୍ରମୁଖ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ।

ପ୍ରାରମ୍ଭରେ ଅତିଥିମାନେ ମା'ଙ୍କ ଉଭାସ୍ଥଳୀକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ପରେ ଲୋକ ମହୋତ୍ସବ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ସିଂହ କହିଥିଲେ, ହିଙ୍ଗୁଳା ପୀଠକୁ ରାଜ୍ୟ ସରକାର ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦେଇଥିଲେ ମଧ୍ୟ ଅଦ୍ୟାବଧି ପର୍ଯ୍ୟଟକଙ୍କ ଆଗମନ ଆଖିଦୃଶିଆ ହୋଇପାରି ନାହିଁ। ତେଣୁ ହିଙ୍ଗୁଳା ପୀଠର ଉନ୍ନତୀକରଣ ନିମନ୍ତେ ଆବଶ୍ୟକ ପଦକ୍ଷେପ ନିଆଯିବା ସହ ଏ ସମ୍ବନ୍ଧରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରେ ଦାବି ଉପସ୍ଥାପନ କରାଯିବ। ତାଳଚେର ଉପଜିଲାପାଳ ତଥା ମା' ହିଙ୍ଗୁଳା ଠାକୁରାଣୀ ଟ୍ରଷ୍ଟବୋର୍ଡର ମ୍ୟାନେଜିଂ ଟ୍ରଷ୍ଟି ବିଶ୍ୱରଞ୍ଜନ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ଅତିଥିମାନେ ସମସ୍ତ କଳାକାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ତାଳଚେର ସାଉଥବଲଣ୍ଡାସ୍ଥିତ ନୃତ୍ୟାଞ୍ଜଳୀ ଅନୁଷ୍ଠାନର କଳାକାରମାନେ ଚକାଜହ୍ନ, ବନ୍ଦେ ମାତରମ୍ ଆଦି ଦେଶାତ୍ମବୋଧକ ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ମନ ମୋହିଥିଲେ। ବଲାଙ୍ଗୀର ନଟରାଜ ଡ୍ୟାନ୍ସ ଗ୍ରୁପର କଳାକାରମାନଙ୍କ ଦ୍ୱାରା ପାରମ୍ପରିକ ଲୋକ ନୃତ୍ୟ ସହ ବାରିପଦାର ଛଉନୃତ୍ୟ ଦର୍ଶକମାନଙ୍କ ଅନ୍ୟତମ ଆକର୍ଷଣ ଥିଲା। ସେହିପରି ଅନୁଗୋଳର ଆଦୃତ ଅନୁଷ୍ଠାନର କୁନି କଳାକାରମାନଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ଓ ତାଳଚେର ଅମୃତ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ମୁଣ୍ଡପୋତା କେଳା ନୃତ୍ୟ ଦର୍ଶକମାନଙ୍କ ଠାରୁ ପ୍ରଶଂସା ସାଉଁଟିଥିଲା। ଏହି କାର୍ଯ୍ୟକ୍ରମକୁ ସଞ୍ଜୀବ ପଟ୍ଟନାୟକ ଓ ଲକ୍ଷ୍ମୀପ୍ରିୟା ସେନାପତି ପରିଚାଳନା କରିଥିଲେ। ଟ୍ରଷ୍ଟ ବୋର୍ଡ ସଦସ୍ୟ ମୁରଲୀଧର ସାହୁ, ରାଜେନ୍ଦ୍ର ସିଂହ, ସଞ୍ଜୟ ସାହୁ, ଅରୁଣ କୁମାର ପ୍ରଧାନ, ସନ୍ତୋଷ କୁମାର ପ୍ରଧାନ, ଗଗନ ବିହାରୀ ସାହୁଙ୍କ ସମେତ ଧୁଳେଶ୍ୱର ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କାର୍-ବାଇକ୍ ଧକ୍କା, ଜଣେ ଗୁରୁତର

**ପବିତ୍ରନଗର,୨୦।୪(ଡି.ଏନ.ଏ.)**

ଅନୁଗୋଳ ଜିଲା କଣିହାଁ ବ୍ଲକ ସମଲ ଥାନା ଶିପୁର ବାଲିଯୋଡି ଗ୍ରାମ ନିକଟରେ ବୁଧବାର ରାତି ପ୍ରାୟ ୯ଟା ସମୟରେ କାର ଓ ବାଇକ ମଧ୍ୟରେ ଦୁର୍ଘଟଣା ଘଟି ଜଣେ ଗୁରୁତର ହୋଇଥିବା ଜଣାପଡିଛି।



ସମ୍ପୃକ୍ତ ବ୍ୟକ୍ତି ହେଉଛନ୍ତି ବାଇକରେ ଆସୁଥିବା ପରାବିଲ ଗ୍ରାମର ହରମୋହନ ପ୍ରଧାନ। ସୂଚନା ଅନୁଯାୟୀ, ହରମୋହନ ଖମାର ଆଡୁ ଗାଁକୁ ଫେରୁଥିବାବେଳେ ବାଲିଯୋଡି ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ୱାଗନର କାର୍ ସହିତ ଧକ୍କା ହୋଇଥିଲା। ହରମୋହନ ଗାଡ଼ିରୁ ଛିଟିକି ପଡିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇ ଦେଇଥିଲେ। ସମଲ ପୋଲିସ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇ ଥିବା ଜଣାପଡିଛି।

# ମଳଯୁକ୍ତ ଜଳର ସୁପରିଚାଳନା ଶୁଭାରମ୍ଭ



କାର୍ଯ୍ୟକ୍ରମ ଶୁଭାରମ୍ଭ ଅବସରରେ ଅଧିକାରୀମାନେ।

**ଅନୁଗୋଳ ଅଫିସ,୨୦।୪**

ସ୍ୱଚ୍ଛ ଭାରତ ମିଶନ(ଗ୍ରାମୀଣ) କାର୍ଯ୍ୟକ୍ରମ ଅନ୍ତର୍ଗତ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ମଳଯୁକ୍ତ ଜଳର ସୁପରିଚାଳନା ନିମନ୍ତେ ମଙ୍ଗଳବାର ଏକ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଗ୍ରାମୀଣ ଅଞ୍ଚଳରୁ ବାହାରୁଥିବା ମଳଯୁକ୍ତ ଜଳର ସୁପରିଚାଳନା ନିମନ୍ତେ ଅନୁଗୋଳ ପୌରସଂସ୍ଥାରେ ଅବସ୍ଥିତ ମଳ ବିଶୋଧନାଗାର ସହ ଜିଲାର ୨୦ କି.ମି. ପରିଧି ମଧ୍ୟରେ ଥିବା ୪୭ଟି ପଞ୍ଚାୟତକୁ ଏଥିରେ ସଂଯୋଗ କରାଯାଇଛି। ଏହି ଅବସରରେ ଅନୁଗୋଳ ବ୍ଲକ ବଡକେରା ପଞ୍ଚାୟତରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନୁଗୋଳ ପୌର ପାଳିକା ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକଙ୍କ ସମେତ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଓ ପୌରପାଳିକା କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଅଚଳ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ନିର୍ଦ୍ଦେଶ



ବୈଠକରେ ବିଧାୟକଙ୍କ ସମେତ ଅନ୍ୟମାନେ।

**ଛେଣ୍ଡିପଦା,୨୦।୪(ସ୍ୱ.ପ୍ର.)**

### ଛେଣ୍ଡିପଦା ପଞ୍ଚାୟତ ସମିତି ବୈଠକ

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ସଭାଗୃହଠାରେ ବୁଧବାର ଛେଣ୍ଡିପଦା ପଞ୍ଚାୟତ ସମିତିର ପ୍ରଥମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁଙ୍କ ଅଧ୍ୟକ୍ଷତାରେ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ବିଧାୟକ ସୁଶାନ୍ତ କୁମାର ବେହେରା, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ଅଗସ୍ତି ବେହେରା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଞ୍ଜୟ କୁମାର ଆଚାର୍ଯ୍ୟ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଏସ୍. ନୈବେଦ୍ୟ ଲଲାଟେନ୍ଦୁ, ବ୍ଲକ ଉପାଧ୍ୟକ୍ଷା ଝରଣା ସ୍ୱାଇଁ, ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ଏହି ବୈଠକରେ ମୁଖ୍ୟତଃ ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ସାଧାରଣ ବଣ୍ଟନ, ଗ୍ରାମ୍ୟଜଳ ଯୋଗାଣ ଓ ପରିମଳ ଆଦି ଉପରେ ଆଲୋକପାତ କରାଯାଇଥିଲା। ଗୋଷ୍ଠୀ ଶିକ୍ଷା ଅଧିକାରୀ ମଧୁସ୍ମିତା ନନ୍ଦ ବହୁ ବିଦ୍ୟାଳୟରେ ପାଣି ସମସ୍ୟା ଥିବାରୁ ପଦକ୍ଷେପ ନେବା ପାଇଁ ଦୃଷ୍ଟି ଆକର୍ଷଣ କରିଥିଲେ। ଖୁବ୍‌ଶୀଘ୍ର ଖାଲି ଶିକ୍ଷକ ପଦବୀ ପୂରଣ କରାଯିବ ବୋଲି ପ୍ରକାଶ କରିଥିଲେ। ଅଧିକାଂଶ ଅଞ୍ଚଳରେ ସୋଲାର ଜଳ ଯୋଗାଣ ପ୍ରକଳ୍ପ ଅଚଳ ନେଇ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏଗୁଡିକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ବିଧାୟକ ପରାମର୍ଶ ଦେଇଥିଲେ। ଶିମିଳିପାଳ ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ଠିକ ଭାବେ କରାଯାଇ ନ ଥିବା ନେଇ ସରପଞ୍ଚ ଗିରିଶ ଚନ୍ଦ୍ର ପ୍ରଧାନ ଅଭିଯୋଗ କରିଥିଲେ। ବିଭିନ୍ନ ପଞ୍ଚାୟତରେ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟ ଆରମ୍ଭ ବେଳେ ପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଛେଣ୍ଡିପଦା ସରପଞ୍ଚ ସୁଦୀପ୍ତ କୁମାର ପ୍ରଧାନ ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ମୁଖ୍ୟ କୃଷି ଅଧିକାରୀ ବିନୋଦ ଦଳେଇ, ଜିଲା ପରିଷଦ ସଦସ୍ୟ ପ୍ରଦୀପ କୁମାର ସାହୁ, ଭାନୁପ୍ରିୟା ପ୍ରଧାନ, ନଗେନ ପ୍ରଧାନ, ଯଶୋବନ୍ତ ବେହେରାଙ୍କ ସମେତ ୩୪ଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଉପସ୍ଥିତ ଥିଲେ। ବ୍ଲକ ସମ୍ପ୍ରସାରଣ ଅଧିକାରୀ ଏସ. ନୈବେଦ୍ୟ ଲଲାଟେନ୍ଦୁ ସମିତିର ୭ଟି ବିଭାଗର ସ୍ଥାୟୀ କମିଟି ଗଠନ କରିଥିଲେ। ଆକାଉଣ୍ଟାଣ୍ଟ ପରମାନନ୍ଦ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ୨୮ ଯାଏ ଜିଲାରେ ସ୍ୱାସ୍ଥ୍ୟମେଳା



ବୈଠକରେ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ।

**ଅନୁଗୋଳ ଅଫିସ,୨୦।୪**

### ବିନା ମୂଲ୍ୟରେ ଚିକିତ୍ସା ଓ ଔଷଧ ନେବାକୁ ନିବେଦନ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଅନୁଗୋଳ ଜିଲାରେ ଆରମ୍ଭ ହୋଇଥିବା ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା ନେଇ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ସହସ୍ରାଧିକ ଲୋକଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଓ ଆବଶ୍ୟକ ଔଷଧ ବିନା ମୂଲ୍ୟରେ ପ୍ରଦାନ କରାଯିବ। ଏହି ମେଳା କେନ୍ଦ୍ର ଓ ରାଜ୍ୟ ସରକାର ତଥା ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହଯୋଗରେ ଆୟୋଜନ କରାଯିବ। ଏଥିରେ ବିଭିନ୍ନ ସଂକ୍ରମଣ ଓ ଅଣ ସଂକ୍ରମଣ ରୋଗ ପ୍ରତିରୋଧ କରିବା ନିମନ୍ତେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବ। ମେଳାର ସୁପରିଚାଳନା ନିମନ୍ତେ ବିଭିନ୍ନ କମିଟି ଓ କାଉଣ୍ଟର ଖୋଲାଯିବ। ୨୦ ତାରିଖରେ ବଣ୍ଡଁରପାଳ ବ୍ଲକରେ ଏହି ସ୍ୱାସ୍ଥ୍ୟମେଳା ଆୟୋଜିତ ହୋଇଥିବାବେଳେ ୨୧ ତାରିଖରେ ଆଠମଲ୍ଲିକ, ୨୨ରେ ତାଳଚେର ଓ ଛେଣ୍ଡିପଦା, ୨୩ରେ କିଶୋରନଗର, ୨୬ ତାରିଖରେ ପାଲଲହଡା, ୨୭ ତାରିଖରେ ଅନୁଗୋଳ ଓ ୨୮ ତାରିଖରେ କଣିହାଁରେ ଅନୁଷ୍ଠିତ ହେବ। ଏହି ମେଳାର ସୁପରିଚାଳନା ନିମନ୍ତେ ଜିଲାପାଳ ସମସ୍ତ ପ୍ରକାର ଆନୁସଙ୍ଗିକ ବ୍ୟବସ୍ଥା ଉପରେ ସମୀକ୍ଷା କରିଥିଲେ। ନିଜ ନିଜ ବ୍ଲକ ଅଧୀନରେ ଅନୁଷ୍ଠିତ ହେଉଥିବା ସ୍ୱାସ୍ଥ୍ୟ ମେଳାରେ ବହୁ ସଂଖ୍ୟାରେ ଯୋଗଦେଇ ମାଗଣା ସ୍ୱାସ୍ଥ୍ୟ ସେବାର ସୁବିଧା ନେବାକୁ ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ ନିବେଦନ କରିଛନ୍ତି।



## ସଂକ୍ଷେପରେ

### ଭୁଜାଲିରେ ଆକ୍ରମଣ, ଯୁବକ ଗିରଫ

**କଣିହାଁ,୨୦।୪(ଡି.ଏନ.ଏ.):** କଣିହାଁ ବ୍ଲକ ଏନ୍‌ଟିପିସି ଟାଉନ ଥାନା ପୋଲିସ ବୁଧବାର ଜଣକୁ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ ସୂଚନା ମୁତାବକ, ସୋମବାର ରାତିରେ ରଙ୍ଗବେଡା ଗ୍ରାମର ସରୋଜ କୁମାର ସାହୁ (୩୬) ଘରେ ମାଡ଼ପିଟ କରି ନିଜ ଜେଜେ ବାପା ଡିଲେଶ୍ୱର ସାହୁ (୯୨), ଦାଦା ସୁରେଶ ସାହୁ ଓ ଖୁଡି ବିଳାସିନି ସାହୁଙ୍କୁ ଭୁଜାଲିରେ ଆକ୍ରମଣ କରିଥିଲେ। ଏଥିରେ ସୁରେଶ, ବିଳାସିନୀ ଏବଂ ଡିଲେଶ୍ୱର ଆହାତ ହୋଇଥିଲେ। ଡିଲେଶ୍ୱରଙ୍କୁ ପ୍ରଥମେ ଏନ୍‌ଟିପିସି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇଛି। ପୋଲିସ ନଂ. ୬୪/୨୦୨୨ରେ ମାମଲା ରୁଜୁ କରି ଅଭିଯୁକ୍ତ ସରୋଜଙ୍କୁ ବୁଧବାର ଗିରଫ କରିଛି।

### ଫେରାର ଅଭିଯୁକ୍ତ ଗିରଫ

**ବଇଣ୍ଡା,୨୦।୪(ଡି.ଏନ.ଏ.):** କିଶୋରନଗର ବ୍ଲକ ହଣ୍ଡପା ପୋଲିସ ମଙ୍ଗଳବାର ରାତିରେ ଲୁହାମୁଣ୍ଡା ଗ୍ରାମରେ ଚଢାଉ କରି ଫେରାର ଥିବା ଅଭିଯୁକ୍ତ ପହଲି ବେହେରାଙ୍କୁ ଗିରଫ କରିଛି। ତାଙ୍କ ନାମରେ କିଛିଦିନ ତଳେ ମାମଲା ଥିବାବେଳେ ସେ ଫେରାର ଥିଲେ। କୋର୍ଟରୁ ତାଙ୍କ ନାମରେ ଗିରଫ ଫରୱାନା ଆସିବା ପରେ ତାଙ୍କୁ ହଣ୍ଡପା ପୋଲିସ ଗିରଫ କରି ବୁଧବାର ଆଠମଲ୍ଲିକ କୋର୍ଟ ଚାଲାଣ କରିଛି।

### ଦେଶୀ ମଦ ଜବତ, ଜଣେ ଗିରଫ



**କଣିହାଁ,୨୦।୪(ଡି.ଏନ.ଏ.):** କଣିହାଁ ବନାଞ୍ଚଳ ଟିମ୍ ଓ ତାଳଚେର ଅବକାରୀ ବିଭାଗ ତରଫରୁ ବୁଧବାର ଡେରେଙ୍ଗ ଗ୍ରାମ ନିକଟ ଚନ୍ଦ୍ରପରା ସଂରକ୍ଷିତ ଜଙ୍ଗଲରେ ଚଢାଉ କରି ଦେଶୀ ମଦ ଜବତ କରିଛନ୍ତି। ଏଥିସହିତ ଏକ ବାଇକ୍ ଏବଂ ମଦ ରନ୍ଧା ସାମଗ୍ରୀ ଜବତ କରାଯାଇଛି। ଏହି ଘଟଣାରେ ବଡ଼ହୀରା ଗ୍ରାମ ସୁଶାନ୍ତ ନାଏକଙ୍କୁ ଗିରଫ କରାଯାଇଛି। ଚଢାଉ ସମୟରେ ଘଟଣାସ୍ଥଳରୁ ଅନ୍ୟ ଅଭିଯୁକ୍ତମାନେ ଫେରାର ହୋଇଯାଇଥିବା ରେଞ୍ଜ ଅଫିସର ନୀଳମଣି ଦେହୁରୀ ସୂଚନା ଦେଇଛନ୍ତି।

### ଗଛ ଡାଳ ପଡ଼ି ଜଣେ ଗୁରୁତର

**ବଇଣ୍ଡା,୨୦।୪(ଡି.ଏନ.ଏ.):** କିଶୋରନଗର ବ୍ଲକ ଗାଁ ବଇଣ୍ଡା ପଞ୍ଚାୟତ ବଡ଼ହୁଲା ଶିବ ମନ୍ଦିର ନିକଟରେ ଥିବା ଏକ ଗଛର ଡାଳ ପଡି ଦାଦରସାହି ଗ୍ରାମର ପ୍ରମୋଦ ଦେହୁରୀ ଗୁରୁତର ହୋଇଛନ୍ତି। ତାଙ୍କୁ ବାମୁର ଅଗ୍ନିଶମ କର୍ମଚାରୀମାନେ ଉଦ୍ଧାର କରି ପ୍ରଥମ ବଇଣ୍ଡା ଓ ପରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଘଟଣାରୁ ଜଣାପଡିଛି, ଉକ୍ତ ଗଛରେ ଏକ ମହୁଫେଣା ଥିବାରୁ ପ୍ରମୋଦ ତାହା ସଂଗ୍ରହ ପାଇଁ ଚଢିଥିଲେ। ସେ ଏକ ଡାଳକୁ ହାଣୁଥିବାବେଳେ ତାଙ୍କ ଗୋଡ଼ ଚାପି ହୋଇଯାଇଥିଲା। ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି।

# ବ୍ୟାପୁଛି ଜଙ୍ଗଲ ନିଆଁ

- ଜଳୁଛି ଛେଣ୍ଡିପଦା ଦେବୀନଗର ପାହାଡ଼
- ଆୟତ୍ତ କରା ନ ଗଲେ ଭୟଙ୍କର ସ୍ଥିତି ଆଶଙ୍କା
- ଅସମ୍ଭାଳ ତାତି, ଧୂଆଁରେ କଲବଲ ସ୍ଥାନୀୟ ଲୋକେ



ନିଆଁ ଲାଗି ଦେବୀନଗର ପାହାଡ଼ ଜଳୁଛି।

**ଛେଣ୍ଡିପଦା,୨୦।୪(ସ୍ୱ.ପ୍ର.)**

ହୁ ହୁ ହୋଇ ଜଳୁଛି ଜଙ୍ଗଲ। ନିଆଁର ଆଁରେ ପୋଡ଼ି ପାଉଁଶ ହୋଇଚାଲିଛି ମୂଲ୍ୟବାନ ବନ୍ୟ ସମ୍ପଦ। ବହୁ ଜୀବଜନ୍ତୁଙ୍କ ଜୀବନହାନି ଆଶଙ୍କା ମଧ୍ୟ କରାଯାଉଛି। ହେଲେ ଏହାକୁ କିପରି ଆୟତ୍ତ କରାଯିବ ସେ ଦିଗରେ ତତ୍ପରତା ପ୍ରକାଶ କରୁନି ବନ ବିଭାଗ। ଫଳରେ ଅଧିକରୁ ଅଧିକ ବ୍ୟାପୁଥିବା ଏହି ଜଙ୍ଗଲ ନିଆଁ ଆଗାମୀ ଦିନରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ପାଇଁ ଭୟଙ୍କର ସ୍ଥିତି ସୃଷ୍ଟି କରିପାରେ ବୋଲି କୁହାଯାଉଛି।

ଅନୁଗୋଳ ଜିଲା ଛେଣ୍ଡିପଦା ବନାଞ୍ଚଳର ପାତ୍ରପଡାରୁ ଶିମିଳିପାଳକୁ ଲମ୍ବିଥିବା ଦେବୀନଗର ପାହାଡ଼ କିଛିଦିନ ହେବ ଜଳୁଛି। ଜଙ୍ଗଲରେ ନିଆଁ କିପରି ଲାଗିଲା ତାହା ଜଣାପଡ଼ି ନ ଥିଲେ ମଧ୍ୟ ଏହା ସାଧାରଣ ଭାବେ ମନୁଷ୍ୟକୃତ ବୋଲି ଅନୁମାନ କରାଯାଉଛି। କାରଣ ମହୁଲ ଫୁଲ, ଶାଳପତ୍ର ଓ ବିଭିନ୍ନ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହକାରୀମାନଙ୍କ ଦ୍ୱାରା ଅନେକ ସମୟରେ ଜଙ୍ଗଲରେ ନିଆଁ ଲଗାଯାଉଥିବା ଦେଖାଯାଇ ଆସିଛି। ତେଣୁ ଏଠାରେ ସେପରି କିଛି ଘଟଣା ଘଟିଥାଇପାରେ ବୋଲି ଚର୍ଚ୍ଚା ହେଉଛି। ଦେବୀନଗର ପାହଡ଼ ଓ ଏହାର ପାଦ ଦେଶରେ ଥିବା ଜଙ୍ଗଲରେ ନିଆଁ ଲାଗିବା ଦ୍ୱାରା ବହୁ ଔଷଧୀୟ ବୃକ୍ଷ, ଲତା, ଗୁଳ୍ମ ପୋଡ଼ିଗଲାଣି। ଜୀବଜନ୍ତୁ, କୀଟପତଙ୍ଗ, ସରୀସୃପଙ୍କ ଜୀବନହାନି ହେଲାଣି। ଅନେକ ବନ୍ୟଜନ୍ତୁ ଜୀବନ ବଞ୍ଚାଇବା ଲାଗି ଜନବସତି ଅଞ୍ଚଳକୁ ଚାଲି ଆସୁଛନ୍ତି। ସେହିପରି ନିଆଁ ଧାସ ସ୍ଥାନୀୟ ଅଞ୍ଚଳର ତାପମାତ୍ରା ବୃଦ୍ଧିର କାରଣ ହୋଇଥିବାବେଳେ ଧୂଆଁ ଅଣନିଃଶ୍ୱାସୀ ପରିସ୍ଥିତି ସୃଷ୍ଟି କରୁଛି। ଏଥିସହିତ ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମରେ ଚାଷୀ କରିଥିବା ଫସଲ କ୍ଷତି ହେବାର ସମ୍ଭାବନା ରହିଛି। ଏପରିକି ବନ ସଂରକ୍ଷଣ ସମିତି ଓ ବନ ବିଭାଗ ମଧ୍ୟରେ ଆବଶ୍ୟକ ସମନ୍ୱୟ ରହୁ ନ ଥିବାରୁ ଏହି ନିଆଁକୁ ଆୟତ୍ତ କରାଯାଇ ପାରୁ ନ ଥିବା ଅଭିଯୋଗ ହେଉଛି।

#### ଆୟତ୍ତ ଉଦ୍ୟମ ଜାରି ରହିଛି



"ଜଙ୍ଗଲ ନିଆଁ ଆୟତ୍ତ କରିବା ପାଇଁ କର୍ମଚାରୀମାନଙ୍କୁ ନିୟୋଜିତ କରାଯାଇଛି। ହେଲେ ସ୍ଥାନୀୟ ବନ ସଂରକ୍ଷଣ ସମିତିଗୁଡିକର ସହଯୋଗ ମିଳିପାରୁ ନାହିଁ। ଏହାଛଡ଼ା ଉକ୍ତ ଜଙ୍ଗଲରେ ହାତୀଙ୍କ ଚଳପ୍ରଚଳ ଥିବାରୁ ଭିତରକୁ ପଶି ତୁରନ୍ତ ନିଆଁ ଲିଭାଇବା ସମ୍ଭବ ହେଉନାହିଁ। ହାତୀପଲଙ୍କ ଗତିବିଧିକୁ ଲକ୍ଷ୍ୟ କରାଯାଇ କର୍ମଚାରୀମାନେ ଉଦ୍ୟମ ଜାରି ରଖିଛନ୍ତି।

-ପ୍ରତାପ ଚନ୍ଦ୍ର ରାଉଳ, ବନାଞ୍ଚଳ ଅଧିକାରୀ

#### ସମନ୍ୱୟର ଅଭାବ ଦେଖାଦେଇଛି



"ବନ ବିଭାଗର ଅପାରଗତା ପାଇଁ ଦେବୀନଗର ଜଙ୍ଗଲରୁ ନିଆଁ ଲିଭିପାରୁ ନାହିଁ। ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ନିମନ୍ତେ ବନ ସଂରକ୍ଷଣ ସମିତି ଓ ବନବିଭାଗ ମଧ୍ୟରେ ସମନ୍ୱୟ ରହୁନାହିଁ। ଏହି କାରଣରୁ ପରିସ୍ଥିତି ଧୀରେ ଧୀରେ ନିୟନ୍ତ୍ରଣ ବାହାରକୁ ଚାଲିଯାଉଛି।

-ବିଜୟ କୁମାର ପ୍ରଧାନ, ସଭାପତି, ଜୟ ଜଗନ୍ନାଥ ବନସଂରକ୍ଷଣ ସମିତି

#### ତଦାରଖ କରାଯାଉ ନାହିଁ



"ଜଙ୍ଗଲ ମଧ୍ୟରେ କରାଯାଉଥିବା ଜଳାଶୟ ଯୋଜନାର ସୁଫଳ ମିଳୁନାହିଁ। ଠିକ୍ ଭାବେ ଫାୟାର ଲାଇନ କରା ନ ଯିବା ଓ ନିଆଁ ଲିଭାଇବା ପାଇଁ ବନ ବିଭାଗ ପକ୍ଷରୁ କର୍ମଚାରୀ ମୁତୟନ କରାଗଲେ ମଧ ଏହାର ତଦାରଖ କରାଯାଉ ନାହିଁ। ଫଳରେ ବନ୍ୟ ସମ୍ପଦ ଓ ଜୀବଜନ୍ତୁ ଏବେ ବିପଦ ମୁଖରେ ପଡୁଛନ୍ତି।

-ଗିରିଶ ଚନ୍ଦ୍ର ପ୍ରଧାନ, ଶିମିଳିପାଳ ସରପଞ୍ଚ

### ଗାଡ଼ି ଚଳାଚଳ ବନ୍ଦ, ଯାତ୍ରୀ ହନ୍ତସନ୍ତ

**ବଇଣ୍ଡା,୨୦।୪(ଡି.ଏନ.ଏ.)**

ବିଭିନ୍ନ ଦାବି ନେଇ ଡ୍ରାଇଭର ସଂଘର ଆନ୍ଦୋଳନ ଯୋଗୁ ସାଧାରଣ ଲୋକେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବୁଧବାର ବଇଣ୍ଡାଠାରେ ଆନ୍ଦୋଳନ ପାଇଁ ମଙ୍ଗଳବାର ଡ୍ରାଇଭର ସଂଘ ପକ୍ଷରୁ ଘୋଷଣା କରାଯାଇଥିବାରୁ ବୁଧବାର ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ବିଶେଷକରି ଡ୍ରାଇଭର ସଂଘ ବଇଣ୍ଡାଠାରେ ଆନ୍ଦୋଳନ କରି ନ ଥିବାବେଳେ ଆଗୁଆ ପୋଲିସ ସେମାନଙ୍କ ଆନ୍ଦୋଳନକୁ ଭଣ୍ଡୁର କରିଥିଲା। ହେଲେ ଆଠମଲ୍ଲିକ ଅଞ୍ଚଳକୁ ସମ୍ପୂର୍ଣ୍ଣ ବସ୍ ଚଳାଚଳ ବନ୍ଦ ରହିଥିଲା। ଫଳରେ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ବହୁ ଛାତ୍ରୀଛାତ୍ର କଲେଜ ଯିବା ପାଇଁ ବସ୍‌କୁ ଅପେକ୍ଷା କରି ନିରାଶ ହୋଇ ଘରକୁ ଫେରିଥିଲେ। ସେହିପରି ଆଠମଲ୍ଲିକ କୋର୍ଟରେ ସାକ୍ଷୀ ଥିବା କେତେଜଣ ଲୋକ ଯାଇ ନ ପାରି ହଇରାଣ ହୋଇଥିଲେ। ଏଥିସହ କେତେକ ଛୋଟ ଗାଡ଼ି ବ୍ୟବସାୟୀ ମଉକା ଦେଖି ଅତ୍ୟଧିକ ଟଙ୍କା ଭଡା ଆକାରରେ ନେଉଥିବା ବଇଣ୍ଡା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଏଥିପ୍ରତି ସରକାର ଦୃଷ୍ଟି ଦେଇ ଏହାର ଏକ ସ୍ଥାୟୀ ସମାଧାନ କରି ଗାଡ଼ି ଚଳାଚଳ ସ୍ୱାଭାବିକ କରିବାକୁ ସାଧାରଣାରେ ଦାବି ହୋଇଛି।

## ୨୩ରେ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା

**ବଇଣ୍ଡା,୨୦।୪(ଡି.ଏନ.ଏ.)**

କିଶୋରନଗର ବ୍ଲକ ବଇଣ୍ଡା ହାଇସ୍କୁଲ ପରିସରରେ ଆସନ୍ତା ୨୩ ତାରିଖରେ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହେବ। ଏ ନେଇ ବ୍ଲକ ସ୍ୱାସ୍ଥ୍ୟ ବିଭାଗ ଓ ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ସୈରେନ୍ଦ୍ରୀ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କିଶୋରନଗର ବିଡିଓ ଡ. ସ୍ୱରୂପା ନନ୍ଦ ସାହୁ, କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡ. ପ୍ରିୟବ୍ରତ ଦାସ, ନୁନୁକାପଶି ସରପଞ୍ଚ ଦୀପ୍ତିମୟୀ ସାହୁଙ୍କ ସମେତ ବିଭିନ୍ନ ବିଭାଗର କର୍ମଚାରୀମାନେ ଯୋଗଦେଇଥିଲେ। କିଭଳି ବଇଣ୍ଡା ହାଇସ୍କୁଲରେ ଶନିବାର ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହେବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିସହିତ ସ୍ୱାସ୍ଥ୍ୟମେଳାରେ ଜିଲାର ବିଭିନ୍ନ ବିଭାଗର ଡାକ୍ତର ଆସିବା ସହ ରୋଗୀଙ୍କୁ ମାଗଣାରେ ଔଷଧ ବଣ୍ଟନ କରାଯିବାର କାର୍ଯ୍ୟକ୍ରମ ରହିଛି।



ବୈଠକରେ ଉପସ୍ଥିତ ବିଡିଓଙ୍କ ସମେତ ଅନ୍ୟମାନେ।

## କନିଷ୍ଠ କିରାଣି ନିଲମ୍ବିତ

**ଅନୁଗୋଳ ଅଫିସ,୨୦।୪**

ଅବସର ନେଇଥିବା କେତେଜଣ ଶିକ୍ଷକଙ୍କୁ ପେନ୍‌ସନ୍, ଗ୍ରାଚୁଇଟି ତଥା ଅନ୍ୟାନ୍ୟ ପ୍ରାପ୍ୟ ଯାହା ମିଳିବା କଥା ତାହା ମିଳୁନାହିଁ। ଅବସର ନେବାର ଦୀର୍ଘ ଦିନପରେ ମଧ୍ୟ ସମ୍ପୃକ୍ତ ଅବସରପ୍ରାପ୍ତ ଶିକ୍ଷକମାନେ ବ୍ଲକ ଶିକ୍ଷା କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଉଛନ୍ତି। ଏଭଳି ଏକ ଅଭିଯୋଗ ଆସିବା ପରେ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଦାୟିତ୍ୱରେ ଅବହେଳା ପାଇଁ ବଅଁରପାଳ ବ୍ଲକ ଶିକ୍ଷା କାର୍ଯ୍ୟାଳୟର କନିଷ୍ଠ କିରାଣି ରାଜେଶ ରୋସନ ଦାସଙ୍କୁ ଗତ ସୋମବାର ନିଲମ୍ବନ କରାଯାଇଛି। ବାରମ୍ବାର ଚେତାବନୀ ସତ୍ତ୍ୱେ କିରାଣି ଜଣଙ୍କ ଅବସରପ୍ରାପ୍ତ ଶିକ୍ଷକମାନଙ୍କ ପ୍ରାପ୍ୟ କାଗଜପତ୍ର କରିବାରେ ଅବହେଳା କରି ଆସୁଥିଲେ। ଏଥିସହିତ ବ୍ଲକ ଶିକ୍ଷା ଅଧିକାରୀ ଡି. ଖୁଣ୍ଟିଆଙ୍କୁ ମଧ୍ୟ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି।

## ଜିଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣା

**ଅନୁଗୋଳ ଅଫିସ,୨୦।୪**

ସୁପରଭାଇଜର ପଦୋନ୍ନତି ଦେବାରେ ଅହେତୁକ ବିଳମ୍ବ ହୋଇଥିବା ଅଭିଯୋଗ କରି ଅନୁଗୋଳ ଜିଲାର ଅଙ୍ଗନୱାଡି କର୍ମୀମାନେ ବୁଧବାର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣା ଦେଇଛନ୍ତି। ସେମାନେ ଅଭିଯୋଗ କରିଛନ୍ତି, ସରକାରୀ ନିର୍ଦ୍ଦେଶ ଅନୁସାରେ ସେପ୍ଟେମ୍ବର ୨୦୨୧ରୁ ସୁପରଭାଇଜର ଭାବେ ପଦୋନ୍ନତି ମିଳିବା କଥା। କିନ୍ତୁ ଇତିମଧ୍ୟରେ ୬ ମାସ ବିତିଥିଲେ ମଧ୍ୟ ପଦୋନ୍ନତି ମିଳିନାହିଁ। ଏ ନେଇ ଡିଏସ୍‌ଡବ୍ଲ୍ୟୁଓଙ୍କୁ ବାରମ୍ବାର ଅଭିଯୋଗ କରାଯାଇଥିଲା। ସେ ତାରିଖ ପରେ ତାରିଖ ଗଡ଼ାଇ ଚାଲିବାରୁ ଗତ ଜାନୁୟାରୀ ମାସରେ ପ୍ରଥମ ଥର ପାଇଁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଧାରଣା ଦିଆଯାଇଥିଲା। ସେତେବେଳେ ଡିଏସ୍‌ଡବ୍ଲ୍ୟୁଓ ପଦୋନ୍ନତି ପ୍ରତିଶ୍ରୁତି ଦେବାରୁ ଧାରଣା ପ୍ରତ୍ୟାହୃତ ହୋଇଥିଲା। କିନ୍ତୁ ସେ ପ୍ରତିଶ୍ରୁତି ରକ୍ଷା କରି ନ ଥିବାରୁ ଏଯାଏ ଅଙ୍ଗନୱାଡି କର୍ମୀଙ୍କୁ ପଦୋନ୍ନତି ମିଳିପାରି ନାହିଁ। ତେଣୁ ସେମାନେ ପୁଣିଥରେ ଧାରଣା ଦେବାକୁ ବାଧ୍ୟ ହୋଇଛନ୍ତି ବୋଲି କହିଛନ୍ତି। ଏହାଛଡ଼ା ଅନ୍ୟ ଜିଲାରେ ଅଙ୍ଗନୱାଡ଼ି କର୍ମୀଙ୍କୁ ପଦୋନ୍ନତି ମିଳିସାରିଛି। କେବଳ ଅନୁଗୋଳରେ ନିୟମ କାର୍ଯ୍ୟକାରୀ କରାଯାଇନାହିଁ। ପଦୋନ୍ନତି ନ ମିଳିବା ଯାଏ ସେମାନେ ଜିଲାପାଳଙ୍କ ଅଫିସ ଆଗରେ ଧାରଣା ଦେବେ ବୋଲି ଅଙ୍ଗନୱାଡ଼ି କର୍ମୀ ସଂଘ ସଭାପତି କୁସୁମ ଦେହୁରୀ ଚେତାବନୀ ଦେଇଛନ୍ତି।



ଧାରଣାରେ ବସିଥିବା ଅଙ୍ଗନୱାଡି କର୍ମୀମାନେ।

## ଚୋରା ଚାଲାଣ ବେଳେ ଚଢ଼ାଉ

### ୫ ଟିପ୍ପର ଜବତ, ଲକ୍ଷେ ଜରିମାନା ଆଦାୟ

**ବଇଣ୍ଡା,୨୦।୪(ଡି.ଏନ.ଏ.)**

ଅନୁଗୋଳ ଜିଲା ଆଠମଲ୍ଲିକସ୍ଥିତ ମହାନଦୀରୁ ଚୋରାରେ ବାଲି ଚାଲାଣ ହେଉଥିବାବେଳେ ବୁଧବାର ଠାକୁରଗଡ଼ ରାଜସ୍ୱ ବିଭାଗ ଓ ପୋଲିସ ପକ୍ଷରୁ ଚଢାଉ କରାଯାଇ ୫ଟି ଟିପ୍ପର ଜବତ କରାଯାଇଛି। ଏଥିସହ ଉକ୍ତ ଗାଡ଼ିଗୁଡ଼ିକରୁ ୧ଲକ୍ଷ୧୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।

ଘଟଣାରୁ ଜଣାପଡିଛି, ମଙ୍ଗଳବାର ବିଳମ୍ବିତ ରାତିରେ ମହାନଦୀରୁ ଚୋରା ବାଲି ନେଇ ୫ଟି ଗାଡ଼ି (ନଂ. ଓଆର୧୯ଇ- ୬୨୧୧, ଓଡି୧୬ଡି-୨୦୭୯, ଓଡି୧୯ଏଲ-୬୪୫୩, ଓଆର୨୬ସି-୪୯୯୯, ଓଡି୦୯ଏ-୮୭୫୯ ଏବଂ ଓଡି୧୯କେ-୧୨୧୧ ବଇଣ୍ଡା ଅଭିମୁଖେ ଯାଉଥିବା ସମ୍ପର୍କରେ ଆଠମଲ୍ଲିକ ତହସିଲଦାରଙ୍କୁ ସୂଚନା ମିଳିଥିଲା। ପରେ ତହସିଲଦାର ସୋଫି ସାଇନିକାଙ୍କ ନିର୍ଦ୍ଦେଶକ୍ରମେ ଠାକୁରଗଡ଼ ଆର୍‌ଆଇ ଧ୍ରୁବଚରଣ ନାୟକ, ଠାକୁରଗଡ଼ ଆଇଆଇସି ପୀତାମ୍ବର ମଲ୍ଲିକ ପ୍ରମୁଖ ଚଢ଼ାଉ କରିଥିଲେ। ଗାଡ଼ିଗୁଡ଼ିକ ଜବତ ସହ ଜରିମାନା ଆଦାୟ କରାଯାଇଥିଲା। ଆଠମଲ୍ଲିକ ଅଞ୍ଚଳରୁ କିଛିମାସ ହେବ ବେଆଇନ ଭାବେ ରାତିରେ ବାଲି ଚାଲାଣ ହେଉଥିଲେ ମଧ୍ୟ ରାଜସ୍ୱ ବିଭାଗ ପକ୍ଷରୁ ଠିକ ସମୟରେ ଚଢ଼ାଉ କରାଯାଉ ନ ଥିବା ଠାକୁରଗଡ଼ ଗ୍ରାମବାସୀ ଅଭିଯୋଗ କରିଛନ୍ତି।



ଜବତ ହୋଇଥିବା ୫ ଟିପ୍ପର।

## ଗ୍ରୋସେରି ଦୋକାନରେ ମଦ ବିକ୍ରି

### ୧୨ ବୋତଲ ବିୟର ଜବତ, ଦୋକାନୀ ଗିରଫ

**ପବିତ୍ରନଗର,୨୦।୪(ଡି.ଏନ.ଏ.)**

ଅନୁଗୋଳ ଜିଲା କଣିହାଁ ବ୍ଲକ ସମଲ ଥାନା ପୋଲିସ ଗ୍ରୋସେରି ଦୋକାନରେ ମଦ ବିକ୍ରି କରୁଥିବା ଅଭିଯୋଗରେ ଗୌଣିଘଷା ଗ୍ରାମର ବିମ୍ବାଧର ସାହୁ(୫୦)ଙ୍କୁ ଗିରଫ କରିଛି। ମଙ୍ଗଳବାର ସନ୍ଧ୍ୟାରେ ସମଲ ଥାନା ଏସ୍‌ଆଇ କମଳାକ୍ଷ ପ୍ରସାଦ ନାୟକ ଓ ଅନ୍ୟ କର୍ମଚାରୀ ପାଟ୍ରୋଲିଂ କରୁଥିବାବେଳେ କୌଣସି ସୂତ୍ରରୁ ଖବର ପାଇ ଗୌଣିଘଷା ଗ୍ରାମରେ ଥିବା ବିମ୍ବାଧରଙ୍କ ଗ୍ରୋସେରି ଦୋକାନ ଉପରେ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ଦୋକାନରୁ ବିଦେଶୀ ମଦ ଜବତ କରାଯାଇଥିଲା। ଜବତ ସାମଗ୍ରୀ ମଧ୍ୟରେ ୧୨ ବୋତଲ ବିୟର ଜବତ ହୋଇଥିବା ଥାନା ସୂତ୍ରରୁ ଜଣାପଡିଛି। ଏ ନେଇ ସମଲ ଥାନାରେ ନଂ.୧୧୬/୨୦୨୨ରେ ମାମଲା ରୁଜୁ କରାଯାଇ ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। କଣିହାଁ ବ୍ଲକର ବିଭିନ୍ନ ଅଞ୍ଚଳରେ ଏମିତି ଚୋରାରେ ବିଦେଶୀ ଓ ଦେଶୀ ମଦ ବିକ୍ରି କରାଯାଉଛି। କେତେକ ପାନ ଦୋକାନ ଠାରୁ ଆରମ୍ଭ କରି ହୋଟେଲ, ଢାବା, ଏପରି କି ଘରେ ରଖି ଚୋରା ବ୍ୟବସାୟ ଚାଲିଥିବା ଅଭିଯୋଗ ହେଉଛି। ବିଭାଗ ପକ୍ଷରୁ କାଁ ଭାଁ ସ୍ଥାନରେ ଚଢ଼ାଉ ହେଉଥିବାବେଳେ ଅନେକ ଅସାଧୁ ବ୍ୟକ୍ତି ଏ ବ୍ୟବସାୟରେ ଲିପ୍ତ ଅଛନ୍ତି। ଅନ୍ୟପକ୍ଷରେ ସହଜରେ ଓ ଶସ୍ତାରେ ଚୋରା ମଦ ମିଳିଯାଉଥିବାରୁ ଗ୍ରାମାଞ୍ଚଳ ଲୋକମାନେ ଏହାର ବ୍ୟବହାର କରି ବିଭିନ୍ନ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ଏହାଦ୍ୱାରା ସାମାଜିକ ବିଶୃଙ୍ଖଳା ବଢୁଥିବା ବେଳେ ପାରିବାରିକ ହିଂସା ଅଧିକ ସଂଖ୍ୟାରେ ଦେଖିବାକୁ ମିଳୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ତେଣୁ ଅବକାରୀ ବିଭାଗ ଓ ପୋଲିସ ଏ ଦିଗରେ ଦୃଷ୍ଟି ଦେବା ସହ ଅଭିଯୁକ୍ତ ଏବଂ ମାଫିଆଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେଲେ ଏହି ଚୋରା ମଦ ବ୍ୟବସାୟ ରୋକାଯାଇପାରିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## ଟାଉନଶିପ୍ ମଧ୍ୟରେ ହାତୀ

**ପବିତ୍ରନଗର,୨୦।୪(ଡି.ଏନ.ଏ.)**

### ବନ ବିଭାଗ କର୍ମଚାରୀଙ୍କ ଦେଖାନାହିଁ

ଅନୁଗୋଳ ଜିଲା ତାଳଚେର ରେଞ୍ଜ ଅନ୍ତର୍ଗତ ସମଲ ଅଞ୍ଚଳକୁ ୨ ଦିନ ହେଲା ହାତୀ ପଲ ପଶିଆସିଛନ୍ତି। ସୋମବାର ହାତୀପଲ ବିକିଶର ଗ୍ରାମଦେଇ ବିଭିନ୍ନ ସ୍ଥାନକୁ ପ୍ରବେଶ କରିଥିବା ଦେଖିବାକୁ ମିଳିଛି। ଦଳ ମଧ୍ୟରୁ ଏକ ଦନ୍ତାହାତୀ ସକାଳ ୭ଟା ବେଳେ ତାଳଚେର-ପାଲଲହଡା ମୁଖ୍ୟ ରାସ୍ତା ପାର୍ ହେଉଥିବା ଲୋକମାନେ ଦେଖିବାକୁ ପାଇଥିଲେ। ଦିନବେଳା ସମଲ ଜଗନ୍ନାଥ ମନ୍ଦିର ନିକଟରେ ରହିଥିବାବେଳେ ରାତି ୧୦ଟା ବେଳେ ପୁଣି ଟିପୋ ଗ୍ରାମ ଦେଇ ସମଲ ବ୍ୟାରେଜ ଟାଉନଶିପ୍ କଲୋନୀ ଅଞ୍ଚଳରେ ବୁଲାବୁଲି କରୁଥିଲା। ଏହା ଦେଖି ଲୋକମାନେ ଭୟଭୀତ ହୋଇପଡ଼ିଛନ୍ତି। ସେହିପରି ଶିପୁର ସେକ୍ସନ ବାରୁଆଁ ନିକଟରେ ମଙ୍ଗଳବାର ୧୬ଟି ହାତୀ ବୁଲୁଛନ୍ତି। କିନ୍ତୁ ବନ ବିଭାଗକୁ ଖବର ଦେଲେ ମଧ୍ୟ କର୍ମଚାରୀଙ୍କ ଦେଖା ମିଳୁ ନ ଥିବା ଲୋକମାନେ ପ୍ରକାଶ କରିଛନ୍ତି। ଏଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି।



ସମଲ ଗ୍ରାମର ଜଗନ୍ନାଥ ମନ୍ଦିର ନିକଟରେ ହାତୀ।

## 'ବସ୍ତି ବାସିନ୍ଦାଙ୍କ ଦାବି ପୂରଣ କରାଯାଇଛି'

### ପୌରପାଳିକା ଟାଉନ ହଲଠାରେ ପଟ୍ଟା, କାର୍ଯ୍ୟାଦେଶ ପ୍ରଦାନ

**ଅନୁଗୋଳ ଅଫିସ,୨୦।୪**

ଅନୁଗୋଳ ପୌରପାଳିକା ଟାଉନ ହଲଠାରେ ବୁଧବାର ପୂର୍ବାହ୍ନରେ ପ୍ରଧାନମନ୍ତ୍ରୀ ସହରାଞ୍ଚଳ ଆବାସ ଯୋଜନାରେ ସପ୍ତମ କାର୍ଯ୍ୟାଦେଶ ଓ ଜାଗା ମିଶନ ପକ୍ଷରୁ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ବିଧାନସଭା ଉପବାଚସ୍ପତି ରଜନୀକାନ୍ତ ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ସମାରୋହକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସିଂହ ରାଜ୍ୟ ସରକାରଙ୍କ ସହର ଉନ୍ନୟନ ଯୋଜନାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଜାଗା ମିଶନରେ ବସ୍ତି ବାସିନ୍ଦାଙ୍କୁ ପଟ୍ଟା ଦେଇ ସେମାନଙ୍କ ଦୀର୍ଘ ଦିନର ଦାବି ପୂରଣ କରାଯାଇଛି ବୋଲି କହିଥିଲେ। ୩୫୦ କୋଟି ଟଙ୍କା ବ୍ୟୟରେ ମହାନଦୀରୁ ପାଣି ଅଣାଯାଇ ଅନୁଗୋଳବାସୀଙ୍କୁ ଦିଆଯିବ ବୋଲି ମୁଖ୍ୟ ଅତିଥି କହିଥିଲେ। ସମ୍ମାନିତ ଅତିଥି ଭାବେ ପୌରାଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ ଅନୁଗୋଳ ସହରର ସବୁଜିମା ଓ ଉନ୍ନତ ପରିମଳ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇଥିଲେ। ପୌରପାଳିକା କାର୍ଯ୍ୟାଳୟ ମଧ୍ୟରେ ଅଭିଯୋଗ ବାକ୍ସ ଜରିଆରେ ଲୋକଙ୍କ ଦାବି ଆପତ୍ତି ପ୍ରତି ଧ୍ୟାନ ଦିଆଯିବ ବୋଲି କହିଥିଲେ। ସଭାରେ ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ ଆବାସ ଯୋଜନାରେ କିଭଳି ଗୃହ ନିର୍ମାଣ କରାଯିବ ଏବଂ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ ତାହା ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପନଗରପାଳ ଅନୁପମା ସାହୁ ଓ ବହୁ ନିର୍ବାଚିତ କାଉନସିଲର ଯୋଗ ଦେଇଥିଲେ। ସଭାରେ ବସ୍ତି ଜାଗା ମିଶନ ଯୋଜନାର ୧୦ ଜଣ ହିତାଧିକାରୀଙ୍କୁ ପଟ୍ଟା ଓ ଆବାସ ଯୋଜନାରେ ଘର ନିର୍ମାଣ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା।



ଜଣେ ହିତାଧିକାରୀଙ୍କୁ ପଟ୍ଟା ପ୍ରଦାନ କରାଯାଉଛି।

## ସଂକ୍ଷେପରେ

### ଆୟୁଷ୍ମାନ୍ ଭାରତ ସ୍ୱାସ୍ଥ୍ୟ ଶିବିର



ରାସୋଳ, ୨୦।୪(ଡି.ଏନ୍.ଏ.): ହିନ୍ଦୋଳ ବ୍ଲକ ନବକିଶୋରପୁର ପଞ୍ଚାୟତରେ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଗ୍ରାମାଞ୍ଚଳବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ବିଶେଷଜ୍ଞଙ୍କ ଦ୍ୱାରା ଉପଯୁକ୍ତ ପରାମର୍ଶ ପ୍ରଦାନ କରିବା ଏହାର ଉଦ୍ଦେଶ୍ୟ। ଶିବିରରେ ଅଭିଜ୍ଞ ଡାକ୍ତରମାନେ ସ୍ୱାସ୍ଥ୍ୟପରୀକ୍ଷା କରିଥିବାବେଳେ ଏଥିଲାଗି ୧୮ଟି ଷ୍ଟଲ୍ ଖୋଲାଯାଇଥିଲା। ଏମ୍‌ପି ମହେଶ ସାହୁ, ବିଧାୟିକା ସୀମାରାଣୀ ନାଏକ, ସରପଞ୍ଚ ରୋଜାଲିନ୍ ସାମଲ ଅତିଥି ଭାବେ ଯୋଗଦେଇ ଏଭଳି ସ୍ୱାସ୍ଥ୍ୟ ଶିବିରର ସୁଯୋଗ ନେବାକୁ ପରାମର୍ଶ ଦେଇଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରିୟରଞ୍ଜନ ମାହୁନ୍ତ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବରୁଣ ସର, ସମିତିସଭ୍ୟା ଅନସୂୟା ମାହୁନ୍ତ, ଗଣ୍ଡାନାଳୀ ସରପଞ୍ଚ ସୁନୀଲ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

### କପିକୁ ପ୍ରୋତ୍ସାହନ ନ ଦେବାକୁ ପରାମର୍ଶ

ପରଜଙ୍ଗ, ୨୦।୪(ଡି.ଏନ.ଏ.): ଢେଙ୍କାନାଳ ଜିଲା ପରଜଙ୍ଗସ୍ଥିତ ମହେଶ୍ୱର ସୁବାହୁସିଂହ ନୋଡାଲ ବିଦ୍ୟାପୀଠ ସଭାଗୃହରେ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ପରିଡ଼ାଙ୍କ ପୌରୋହିତ୍ୟରେ ମାଟ୍ରିକ୍ ବୋର୍ଡ ପରୀକ୍ଷା ସମ୍ପର୍କିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟରେ ୧୯୦ ଜଣ ଛାତ୍ରୀଛାତ୍ର ଚଳିତ ବର୍ଷ ଦଶମ ଶ୍ରେଣୀ ପରୀକ୍ଷା ଦେଉଥିବାବେଳେ ସେମାନଙ୍କ ଅଭିଭାବକମାନଙ୍କ ସହିତ ଆଲୋଚନା କରାଯାଇଥିଲା। ପରୀକ୍ଷା ସମୟରେ କପିକୁ ପ୍ରୋତ୍ସାହନ ନ ଦେବା, ବିଦ୍ୟାଳୟ କ୍ୟାମ୍ପସକୁ ଅବାଧ ପ୍ରବେଶ ନ କରିବାକୁ ପରାମର୍ଶ ଦିଆଯାଇଛି। ପରୀକ୍ଷା କେନ୍ଦ୍ରରେ ସିସିଟିଭି ବ୍ୟବସ୍ଥା ରହିଛି। କୌଣସି ପ୍ରକାର ବେଆଇନ କାର୍ଯ୍ୟକୁ ପ୍ରଶ୍ରୟ ଦିଆଯିବ ନାହିଁ। ଶୃଙ୍ଖଳିତ ଭାବେ ପରୀକ୍ଷା ଶେଷ କରିବା ଲାଗି ବିଦ୍ୟାଳୟ କର୍ତ୍ତୃପକ୍ଷ ସମସ୍ତଙ୍କ ସହଯୋଗ ଲୋଡ଼ିଛନ୍ତି। ପୂର୍ବତନ ଶିକ୍ଷା କମିଟି ଅଧ୍ୟକ୍ଷ ନିର୍ମଳ ଗଡ଼ନାୟକ ବୈଠକରେ ଉପସ୍ଥିତ ସମସ୍ତ ଅଭିଭାବକଙ୍କୁ ସଚେତନ କରାଇଥିଲେ।

### ରକ୍ତଦାନ ଶିବିର



ଢେଙ୍କାନାଳ ଅଫିସ, ୨୦।୪: ଢେଙ୍କାନାଳ ସାମାଜିକ ସାଂସ୍କୃତିକ ବିକାଶ ସଂଘ ପକ୍ଷରୁ ମଙ୍ଗଳବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ସୌମ୍ୟପ୍ରକାଶ ନନ୍ଦଙ୍କ ୫ମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଆୟୋଜିତ ଏହି ଶିବିରରେ ୧୨ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ରକ୍ତଭଣ୍ଡାର ବୈଷୟିକ କର୍ମଚାରୀ ପରମାନନ୍ଦ ପଣ୍ଡା, ସଂଘର ଅଧ୍ୟକ୍ଷା ଅନନ୍ୟା ଦାସ, ସଭାନେତ୍ରୀ ସୌମ୍ୟା ମିଶ୍ର, ସୁଶ୍ରୀ ସମ୍ୟକ୍‌ଦର୍ଶିନୀ ନନ୍ଦ, ସିପୁନ ସାହୁ, ଅଭିଜିତ୍ ଅଭିନନ୍ଦନ, ନିରାକାର ପାତ୍ର, ବିଶ୍ୱଜିତ୍ ରାଉତ, ରଘୁନାଥ ନନ୍ଦ, ସୌମ୍ୟ ସାଗର ମିଶ୍ର, ରାକେଶ ନନ୍ଦ, ସଞ୍ଜୀବ ଦାସ, ବନଜ୍ୟୋତ୍ସ୍ନା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ୫ ଦିନ ହେବ ବୃଦ୍ଧଙ୍କ ପତ୍ତା ମିଳୁନି

ପବିତ୍ରନଗର,୨୦।୪(ଡି.ଏନ.ଏ.): ଅନୁଗୋଳ ଜିଲା କଣିହାଁ ବ୍ଲକ ବିରୁ ଗ୍ରାମର ମୁକୁନ୍ଦ



ବେହେରା(୬୫) ୫ ଦିନ ହେବ ନିଖୋଜ ଅଛନ୍ତି। ସେ ଗାଁର କେତେଜଣ ଲୋକଙ୍କ ସହିତ ପାଲଲହଡା ଅଞ୍ଚଳର ମାଲ୍ୟଗିରୀ ପର୍ବତ ବୁଲିବାକୁ ଯାଇଥିଲେ। ହେଲେ ଏଯାଏ ସେ ଘରକୁ ଫେରିନାହାନ୍ତି କି ତାଙ୍କ କୌଣସି ଖୋଜ୍‌ଖବର ମିଳିପାରି ନାହିଁ। ଏ ନେଇ ପରିବାର ପକ୍ଷରୁ ଖମାର ଥାନାରେ ଲିଖିତ ଅଭିଯୋଗ କରାଯିବା ସହିତ ଗାଁ ଲୋକଙ୍କ ସହିତ ମିଶି ଖୋଜାଖୋଜି କରିବା ପରେ ମଧ ନିରାଶ ହୋଇଛନ୍ତି। ଏପରିକି ମୁକୁନ୍ଦଙ୍କ ନିଖୋଜ ପରଠାରୁ ତାଙ୍କ ସ୍ତ୍ରୀ ଅସୁସ୍ଥ ହୋଇପଡ଼ିଛନ୍ତି। କେହି ସହୃଦୟବ୍ୟକ୍ତି ମୁକୁନ୍ଦଙ୍କ ସମ୍ପର୍କରେ ଖବର ପାଇଲେ ନିକଟସ୍ଥ ଥାନା କିମ୍ବା ପରିବାରକୁ ଜଣାଇବାକୁ ପରିବାର ପକ୍ଷରୁ ନିବେଦନ କରାଯାଇଛି।

# ୭ଦିନ ମଧ୍ୟରେ ହେବ ବୈଠକ

- ସରୁନି ୫୫ନଂ. ଏନ୍ଏଚ୍ ସମ୍ପ୍ରସାରଣ କାର୍ଯ୍ୟ
- ଜିଲାପାଳଙ୍କ ସହ ଓକିଲ ସଂଘର ଆଲୋଚନା

ଢେଙ୍କାନାଳ ଅଫିସ, ୨୦।୪



ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

ଢେଙ୍କାନାଳ ଜିଲାବାସୀଙ୍କ ଜୀବନରେଖା ଭାବେ ପରିଚିତ ୫୫ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଶେଷ ହେଉନାହିଁ। ଏହାକୁ ନେଇ ଦିନକୁ ଦିନ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ଏ ସଂକ୍ରାନ୍ତରେ ଜିଲା ଓକିଲ ସଂଘର ନେତୃତ୍ୱରେ ସାମ୍ବାଦିକ ସଂଘ ଏବଂ ବଣିକ ସଂଘର କର୍ମକର୍ତ୍ତାମାନେ ବୁଧବାର ଜିଲାପାଳ ସରୋଜ କୁମାର ସେଠୀଙ୍କୁ ଭେଟି ସ୍ମାରକପତ୍ର ଦେଇଛନ୍ତି। ଏନ୍ଏଚ୍ କାର୍ଯ୍ୟ ଶେଷ କରିବା ଲାଗି ପ୍ରଶାସନ ହସ୍ତକ୍ଷେପ କରୁ ବୋଲି ପ୍ରସ୍ତାବ ଦିଆଯାଇଥିବାବେଳେ ସମାଧାନର ସୂତ୍ର ବାହାର କରିବାକୁ ୭ଦିନ ମଧ୍ୟରେ ବୈଠକ କରାଯିବା ପାଇଁ ଜିଲାପାଳ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

ପ୍ରକଳ୍ପ କାର୍ଯ୍ୟ କାହିଁକି ମନ୍ଥର ହେଉଛି, ସେ ସମ୍ପର୍କରେ ଏନ୍ଏଚ୍ଏଆଇ ପ୍ରକଳ୍ପ ଅଧିକାରୀଙ୍କ ସହ ଆଲୋଚନା ଜରୁରୀ ହୋଇପଡ଼ିଛି। ଏ ନେଇ ସମ୍ପୃକ୍ତ ୩ ସଂଘର କର୍ମକର୍ତ୍ତାମାନେ ଜିଲାପାଳଙ୍କ ଉପସ୍ଥିତିରେ ଆଲୋଚନା କରିବା ଲାଗି ପ୍ରସ୍ତାବ ଦିଆଯାଇଛି। ରାଜପଥ ସମ୍ପ୍ରସାରଣର ସଦ୍ୟତମ ସ୍ଥିତି ସମ୍ପର୍କରେ ପ୍ରାଧିକରଣ ପ୍ରକଳ୍ପ ନିର୍ଦ୍ଦେଶକ ସମ୍ପୂର୍ଣ୍ଣ ସୂଚନା ଦେବେ। ଏଥିରେ ଅସହଯୋଗ କଲେ ପରିଣାମ ଭୟାବହ ହେବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ସୂଚନାଯୋଗ୍ୟ, ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ଶେଷ ହୋଇପାରୁ ନ ଥିବାରୁ ୫୫ନଂ. ଜାତୀୟ ରାଜପଥ ମରଣଯନ୍ତା ପାଲଟିଛି। ଏହାକୁ ନେଇ ଏପ୍ରିଲ୍ ୧୩ରେ ଓକିଲ ସଂଘ ବୈଠକରେ ଆଲୋଚନା ହୋଇଥିଲା। ୧୪ ତାରିଖରେ ସଂଘ କାର୍ଯ୍ୟାଳୟରେ ଜିଲା ସାମ୍ବାଦିକ ସଂଘ, ଜିଲା ବଣିକ ସଂଘର କର୍ମକର୍ତ୍ତାଙ୍କୁ ନେଇ ଏକ ବୈଠକ ବସି ସମସ୍ୟାର ସମାଧାନ ପାଇଁ ଆଲୋଚନା ହୋଇଥିଲା। ବୁଧବାର ଜିଲା ଓକିଲ ସଂଘର ସଭାପତି ସଞ୍ଜୟ କୁମାର ମିଶ୍ରଙ୍କ ନେତୃତ୍ୱରେ ସମ୍ପାଦକ ଟଙ୍କଧର ବେହେରା, ଜିଲା ସାମ୍ବାଦିକ ସଂଘର ସଭାପତି ପ୍ରସନ୍ନ କୁମାର ପଟ୍ଟନାୟକ, ସମ୍ପାଦକ ସତ୍ୟସ୍ୱରୂପ ଦାସ, ଜିଲା ବାଣିଜ୍ୟ ସଂଘ ସଭାପତି ରାଜେନ୍ଦ୍ର କୁମାର ଦାସ ଓ ସମ୍ପାଦକ ଦେବବ୍ରତ ଭଞ୍ଜ ପ୍ରମୁଖ ଜିଲାପାଳଙ୍କୁ ଭେଟିଛନ୍ତି। ସମ୍ପ୍ରସାରଣ କାମ ନେଇଥିବା ଠିକାସଂସ୍ଥା କର୍ତ୍ତୃପକ୍ଷଙ୍କୁ ବୈଠକକୁ ଡକାଯିବା ପାଇଁ ଦାବି କରାଯାଇଛି।

ସୂଚନାଯୋଗ୍ୟ, ୨୦୧୮ ଜାନୁୟାରୀରେ ଗାୟତ୍ରୀ ଠିକାସଂସ୍ଥା ପକ୍ଷରୁ ୫୫ନଂ. ଜାତୀୟ ରାଜପଥର ସମ୍ପ୍ରସାରଣ କାମ ଆରମ୍ଭ ହୋଇଥିଲା। ୨୦୨୦ ସୁଦ୍ଧା କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ତେବେ କରୋନା ଏବଂ ଅନ୍ୟାନ୍ୟ ବୈଷୟିକ ସମସ୍ୟା କାରଣରୁ ଏଥିରେ ବିଳମ୍ବ ଘଟିଥିଲା। ପରେ ୨୦୨୨ ସୁଦ୍ଧା କାର୍ଯ୍ୟ ସାରିବାକୁ ଉଦ୍ୟମ ଆରମ୍ଭ ହୋଇଥିଲା। ହେଲେ ଠିକାସଂସ୍ଥାର ଦାୟିତ୍ୱହୀନତା, ଏନ୍ଏଚ୍ଏଆଇ ପକ୍ଷରୁ ଠିକ୍ ଭାବେ ସମୀକ୍ଷା କରା ନ ଯିବା କାରଣରୁ ୬ମାସ ହେବ କାମ ବନ୍ଦ ରହିଛି।

# ପୂରଣ ହେଉନି ସର୍ତ୍ତାବଳୀ: କ୍ଷୋଭ ଜଣାଇଲେ ଅଧ୍ୟାପକ

ଢେଙ୍କାନାଳ ଅଫିସ, ୨୦।୪

ଢେଙ୍କାନାଳ ଦଧିବାମନଜୀଉ ମନ୍ଦିରରେ ୨୦୧୭ ଜିଆଇଏ ଅଧ୍ୟାପକ କର୍ମଚାରୀ ସଂଘର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଅଧ୍ୟାପକ ଡ. ରବୀନ୍ଦ୍ରନାଥ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ସଚିବଙ୍କ ଦ୍ୱାରା ବଦଳି ସ୍ପଷ୍ଟୀକରଣ ସମ୍ପର୍କରେ ଜାରି କରାଯାଇଥିବା ପତ୍ରକୁ ସମାଲୋଚନା କରାଯାଇଛି। ସେହିପରି ସରକାର ଚାକିରି ସର୍ତ୍ତାବଳୀ ପୂରଣ କରୁ ନ ଥିବା ଏବଂ ପେନ୍‌ସନ୍ ବିଷୟରେ ଆଲୋଚନା କରୁ ନ ଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା। ଏହାର ପ୍ରତିବାଦରେ ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

ରାଜ୍ୟର ଉଚ୍ଚଶିକ୍ଷା ବିକାଶରେ ୬୬୨ ଏବଂ ୪୮୮ ବର୍ଗ କଲେଜର ଅଧ୍ୟାପକଙ୍କ ଅବଦାନ ୭୦%। ନିଯୁକ୍ତିର ଦୀର୍ଘ ୨୮ବର୍ଷ ପରେ ୨୦୧୮ରେ ଉକ୍ତ ବର୍ଗର ଅଧ୍ୟାପକ ଏବଂ କର୍ମଚାରୀଙ୍କୁ ଷଷ୍ଠ ବେତନ କମିଶନ ହାରରେ ପୂର୍ଣ୍ଣ ଅନୁଦାନ ପ୍ରଦାନ କରାଯାଉଛି। ପଞ୍ଚାୟତ ନିର୍ବାଚନ ପୂର୍ବରୁ ରାଜ୍ୟ କ୍ୟାବିନେଟ ନିଷ୍ପତ୍ତି ଅନୁଯାୟୀ ୨୦୨୨ ଜାନୁୟାରୀରୁ ସପ୍ତମ ବେତନ କମିଶନ ଆଧାରରେ ପୂର୍ଣ୍ଣ ଅନୁଦାନ ପ୍ରଦାନ ବ୍ୟବସ୍ଥା କରାଯାଇଛି। ତେବେ ବେସରକାରୀ ଅନୁଦାନପ୍ରାପ୍ତ କଲେଜ, କନିଷ୍ଠ କଲେଜ ଅନୁଦାନ ନୀତି ଅନୁଯାୟୀ ଅଧ୍ୟାପକ କର୍ମଚାରୀଙ୍କ ଚାକିରି ସର୍ତ୍ତାବଳୀ ଏବଂ ପେନ୍‌ସନ ପ୍ରଦାନ ନିମନ୍ତେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉନାହିଁ। ଏହି ବର୍ଗର ଅନେକ ଅଧ୍ୟାପକ ଅବସର ନେଇସାରିଲେଣି। ଆଗାମୀ ୫ ବର୍ଷ ମଧ୍ୟରେ ୯୦% ଅଧ୍ୟାପକ କର୍ମଚାରୀ ଅବସର ଗ୍ରହଣ କରିବେ। ସ୍ୱଳ୍ପ ବେତନରେ ଦୀର୍ଘବର୍ଷ କାମ କରି ଅବସର ନେଇଥିବା ଅଧ୍ୟାପକଙ୍କ ପ୍ରତି ଉଦାସୀନତା ଅସହ୍ୟ ବୋଲି ସଂଘ ସମ୍ପାଦକ ଅଧ୍ୟାପକ ପ୍ରେମାନନ୍ଦ ନାୟକ କହିଛନ୍ତି।

ରାଜ୍ୟ ସଭାପତି ଦିଲୀପ ଗଡ଼ନାୟକ, କାର୍ଯ୍ୟକାରୀ ସଭାପତି ଅରୁଣ ସାମଲ, କୋଷାଧ୍ୟକ୍ଷ ସୁଜିତ ସାମଲ, ଜିଲା ସଭାପତି ଧରଣୀଧର ବାରିକ, ଅଧ୍ୟାପକ ପ୍ରଦୀପ ସାମଲ, ପ୍ୟାରୀମୋହନ ଖିଲାର, ଦିଲୀପ ଦାସ, ଗଗନ ବିହାରୀ ସ୍ୱାଇଁ, ଶରତ ରାଉତ, ଦେବେନ୍ଦ୍ରନାଥ ମିଶ୍ର, ରମେଶ ବାରିକ, ତରଣୀସେନ ସାମଲ, ଅବସରପ୍ରାପ୍ତ ଅଧ୍ୟାପକ କ୍ଷୀରୋଦ ନାୟକ, ଜ୍ଞାନେନ୍ଦ୍ରନାଥ ଦାସ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

# ଅଗ୍ନି ସୁରକ୍ଷା ସଚେତନତା


ଅଗ୍ନି ନିର୍ବାପକ କୌଶଳ ବିଷୟରେ ପ୍ରଶିକ୍ଷଣ ଦିଆଯାଉଛି।

ସାତମାଇଲ, ୨୦।୪(ଡି.ଏନ୍.ଏ.)

ହିନ୍ଦୋଳ ବ୍ଲକ ଖଜୁରିଆକଟା ଅଗ୍ନିଶମ ବାହିନୀ ତରଫରୁ ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କୁ ନେଇ ଅଗ୍ନି ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ୟାସ୍ ସିଲିଣ୍ଡର, ତୈଳରେ ନିଆଁ ଲାଗିଲେ କିପରି ଏହାକୁ ଲିଭାଯାଇପାରିବ ତାହାର ନମୁନା ପ୍ରଦର୍ଶନ କରାଯାଇଥିଲା। ଖଜୁରିଆକଟା ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟରେ କିଶୋର ଚନ୍ଦ୍ର ଦାସଙ୍କ ତତ୍ତ୍ୱାବଧାନରେ ମାଷ୍ଟର ଟ୍ରେନର ଗୌତମ ବେହେରା, ସହଯୋଗୀ ସୌମ୍ୟରଞ୍ଜନ ବିଶ୍ୱାଳ, କ୍ରିଷ୍ଣା କାଲୋ, ମନୋଜ ପ୍ରଧାନ, ସୂର୍ଯ୍ୟମଣି ବେହେରା, ତାପସ ଦାସ ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ତାପସ ମହାପାତ୍ର, ଯନ୍ତ୍ରୀ ବିଭୂତି ଭୂଷଣ ରଣା, ସୁରକ୍ଷା ଅଧିକାରୀ ହିମାଦ୍ରି ବେହେରା, ଦେବବ୍ରତ ନାଥ, କମଳାକାନ୍ତ ବିଶ୍ୱାଳ, ପ୍ରଦ୍ୟୁମ୍ନ ଜେନାମଣି, ଗଦାଧର ବିଶ୍ୱାଳ, କୁମୁଦ ଦାସ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

### ଧର୍ମପ୍ରାଣା ମହିଳାଙ୍କ ପରଲୋକ

ଭୁବନ, ୨୦।୪(ଡି.ଏନ୍.ଏ.)

ଭୁବନ ବ୍ଲକ ପୁରୁଷୋତ୍ତମପୁର ଶାସନ ଗ୍ରାମର ଧର୍ମପ୍ରାଣା ମହିଳା ରାଜେଶ୍ୱରୀ ମିଶ୍ରଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ତାଙ୍କୁ ୯୬ ବର୍ଷ ହୋଇଥିଲା। ଅଞ୍ଚଳର ମହିଳାଙ୍କୁ ନେଇ ଭାଗବତ ଚର୍ଚ୍ଚା କରିବା, ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶଗ୍ରହଣ କରି ସେ ବେଶ୍ ପରିଚିତ ଥିଲେ। ତାଙ୍କ ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଅନ୍ତିମ ସମୟରେ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ।

### ଥଣ୍ଡାପାନୀୟ ବଣ୍ଟନ

ସାତମାଇଲ, ୨୦।୪(ଡି.ଏନ୍.ଏ.)

ଖଜୁରିଆକଟାସ୍ଥିତ ହିନ୍ଦୋଳ ମହାବିଦ୍ୟାଳୟ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ପକ୍ଷରୁ ବୁଧବାର ମୁଖ୍ୟ ରାସ୍ତା ନିକଟ କଲେଜ ଛକରେ ପଥଚାରୀଙ୍କୁ ଥଣ୍ଡା ପାନୀୟ ବିତରଣ କରାଯାଇଛି। ଏନ୍‌ସିସି ଅଫିସର କ୍ୟାପଟେନ୍ କିଶୋର ପୃଷ୍ଟିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଅବସରପ୍ରାପ୍ତ ଡାକ୍ତର ଚୈତନ୍ୟ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଅଧ୍ୟାପକ ମୁରଲୀ କିଶୋର ଜେନାମଣି, ଡ. ମହେନ୍ଦ୍ର ସ୍ୱାଇଁ, ହରମୋହନ ସାହୁ, ନିର୍ମଳ ପାଣିଗ୍ରାହୀ, ଏସ୍.ଏସ୍. ମିଶ୍ର, ଦିଲୀପ ସାହୁ, ଅଧ୍ୟାପିକା ମମତା ପାଳ, ମୁଖ୍ୟ କିରାଣି ସନ୍ଦୀପ ଦେବତା, କର୍ମଚାରୀ ମଙ୍ଗରାଜ ସହଯୋଗ କରିଥିଲେ। କଲେଜ ଅଧ୍ୟକ୍ଷ ଅଶୋକ ସାହୁ ଛାତ୍ରୀଛାତ୍ରଙ୍କୁ ଜଳ ସଂରକ୍ଷଣର ଆବଶ୍ୟକତା ଉପରେ ବୁଝାଇଥିଲେ।

# ଆଦିବାସୀ ମହିଳାଙ୍କୁ ଜୀବିକା ତାଲିମ


ତାଲିମ କାର୍ଯ୍ୟକ୍ରମରେ ପ୍ରଶିକ୍ଷାର୍ଥୀମାନେ।

ଢେଙ୍କାନାଳ ଅଫିସ, ୨୦।୪

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକର ଉପାନ୍ତ ଏକୁଲ ସେକୁଲ, ପୁଟିପାଳ, କୋଟ ଅଞ୍ଚଳର ମହିଳାଙ୍କୁ ଆତ୍ମନିର୍ଭରଶୀଳ କରାଇବା ଉଦ୍ଦେଶ୍ୟରେ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରତିଷ୍ଠାନ (ଆର୍‌ସେଟି) ପ୍ରଚେଷ୍ଟାରେ ଆରମ୍ଭ ହୋଇଛି ୬ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ। ଏଥିରେ ୨୭ଜଣ ମହିଳା ଯୋଗ ଦେଇଛନ୍ତି। ଶିବିରରେ ଜିଲାପାଳ ସରୋଜ କୁମାର ସେଠୀ ଯୋଗଦେଇ କହିଲେ ଆଦିବାସୀ ମହିଳାଙ୍କ ଜୀବନଜୀବିକାର ଉନ୍ନତି ପାଇଁ ରାଜ୍ୟ ସରକାର ଚିନ୍ତା କରୁଛନ୍ତି। ସେମାନଙ୍କୁ କୁକୁଡ଼ାପାଳନ, ପରିବା ଚାଷ, ଛେଳି ଚାଷ ଆଦି ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଏହାର ସୁଯୋଗ ନେବା ଉଚିତ। ଏହି ଅବସରରେ ଜିଲାପାଳ ପୋଷଣ ଓ ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ କରିବା ସହିତ ଆଦିବାସୀ ମହିଳାଙ୍କ ସହିତ ସେମାନଙ୍କ ଅଞ୍ଚଳର ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ଖୁବ୍‌ଶୀଘ୍ର ଏହାର ସମାଧାନ କରିବା ଲାଗି ପଦକ୍ଷେପ ନେବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି। ନାବାର୍ଡ ଡିଡିଏମ୍ ଡ. ଜ୍ଞାନେନ୍ଦ୍ର ରାଉତ, ଏଲ୍‌ଡିଏମ୍ ସନୋଜ ସିଂ, ମିଶନ ଶକ୍ତି ଜିଲା ପ୍ରୋଜେକ୍ଟ କୋଅର୍ଡିନେଟର ମୋନାଲିସା ଭଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଷ୍ଠାନର ନିର୍ଦ୍ଦେଶିକା ବିଶ୍ୱଭାରତୀ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ପ୍ରଶିକ୍ଷକ ଚିନ୍ମୟ ଜେନା, ଅଫିସ ସହାୟକ କାଦମ୍ବରୀ ମହାକୁଡ, ପ୍ରଣବ ରଞ୍ଜନ ମିଶ୍ର, ୟୁକୋ ବ୍ୟାଙ୍କର କର୍ମଚାରୀମାନେ ଏଥିରେ ସହଯୋଗ କରିଥିଲେ।

## ଦୁର୍ଗାପୁର ସାଗର ପ୍ରଧାନ ହତ୍ୟା ମାମଲା
# ଗୋବିନ୍ଦଙ୍କୁ ରିମାଣ୍ଡରେ ଆଣିଲା ପୋଲିସ

ଛେଣ୍ଡିପଦା,୨୦।୪(ସ୍ୱ.ପ୍ର.)

ଅନୁଗୋଳ ଜିଲା ଜରପଡା ଥାନା ଦୁର୍ଗାପୁର ଗ୍ରାମରେ ରାଜନୈତିକ ହିଂସାକୁ ନେଇ ଗତ ୧୪ ତାରିଖ ବିଳମ୍ବିତ ରାତିରେ ପ୍ରଧାନସାହି ତ୍ରିନାଥ ମଣ୍ଡପରେ ଶୋଇଥିବା ସାଗର ପ୍ରଧାନଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରାଯାଇଥିଲା। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ଗୋବିନ୍ଦ ପ୍ରଧାନଙ୍କୁ ଗିରଫ କରିଥିଲା। ମୃତ ସାଗରଙ୍କୁ ନେଇ ରାଜନୀତି ଜୋର୍ ଧରିଛି। ସାଗର ଭାଜପା କର୍ମୀ ବୋଲି ଭାଜପା ପକ୍ଷରୁ ଦାବି କରାଯାଉଥିବା ବେଳେ କଂଗ୍ରେସ ମଧ ସାଗରଙ୍କୁ ନିଜ ଦଳର କର୍ମୀ ବୋଲି କହୁଛି। ତେବେ ମାମଲାର ଅଧିକ ତଦନ୍ତ ପାଇଁ ବୁଧବାର ପୋଲିସ ଅଭିଯୁକ୍ତ ଗୋବିନ୍ଦଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରିଛି। ଏସ୍‌ଡିପିଓ ଭବାନୀ ଶଙ୍କର ଉଦଗାତା, ଥାନା ଅଧିକାରୀ ସରୋଜକାନ୍ତ ସାମଲ ଓ ତଦନ୍ତକାରୀ ଅଫିସର ଗଙ୍ଗାଧର ବେହେରା ପଚରାଉଚରା କରିଥିଲେ। ଏହି ସମୟରେ ଗୋବିନ୍ଦ ପୂର୍ବରୁ ଦେଇଥିବା ବୟାନକୁ ଦୋହରାଇଥିଲେ। ଏହି ହତ୍ୟାକାଣ୍ଡରେ ଅନ୍ୟ କୌଣସି ବ୍ୟକ୍ତିଙ୍କ ସମ୍ପୃକ୍ତି ନ ଥିବା ସେ ସ୍ୱୀକାର କରିଥିବା ସୂଚନା ମିଳିଛି।

# ଡେଞ୍ଜର୍ସ ରକ୍ସ ଚାମ୍ପିୟନ

କାମାକ୍ଷାନଗର, ୨୧।୪(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା କଙ୍କଡାହାଡ଼ କଲେଜ ପଡ଼ିଆରେ ଚାଲିଥିବା କଙ୍କଡ଼ାହାଡ଼ ପ୍ରିମିୟର ଲିଗ୍ କ୍ରିକେଟ୍ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ୍ ମ୍ୟାଚ୍‌ରେ ରେମୁନ୍ ଇଲେଭେନ୍‌କୁ ୧୦ ରନ୍‌ରେ ହରାଇ ଡେଞ୍ଜର୍ସ ରକ୍ସ ଚାମ୍ପିୟନ ହୋଇଛି। ଟୁର୍ନାମେଣ୍ଟରେ ଡେଞ୍ଜର୍ସ ରକ୍ସ, ଶିବଶକ୍ତି ଇଲେଭେନ୍ ଏବଂ ରେମୁନ୍ ଇଲେଭେନ୍ ଦଳ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତା ଆରମ୍ଭ ହେବା ପୂର୍ବରୁ ଆଇପିଏଲ୍ ଭଳି ଖେଳାଳିଙ୍କ ନିଲାମ ଡକାଯାଇଥିଲା। ପ୍ରତିଦଳ ୪ଟି ଲେଖାଏ ମ୍ୟାଚ୍ ଖେଳିଥିଲେ। ଫାଇନାଲ୍ ମ୍ୟାଚ୍‌ରେ ଦୁଇ ଶୀର୍ଷ ଦଳ ରେମୁନ ଇଲେଭେନ୍ ଏବଂ ଓ ଡେଞ୍ଜର୍ସ ରକ୍ସ ପରସ୍ପରକୁ ଭେଟିଥିଲେ। ଡେଞ୍ଜର୍ସ ରକ୍ସ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୬୬ ରନ କରିଥିବାବେଳେ ରେମୁନ୍ ଇଲେଭେନ୍ ୫୬ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା।

ପୂର୍ବତନ କ୍ରିକେଟର୍ ରାଜୀବ ପାଣି, ବରିଷ୍ଠ କ୍ରୀଡ଼ାବିତ୍ ଚନ୍ଦ୍ରମଣି ସାହୁ ଅତିଥି ଭାବେ ଯୋଗଦେଇ ଉଭୟ ଦଳ ଏବଂ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଆୟୋଜକ ରାମେଶ୍ୱର ରାଇଜିଂ କ୍ରିକେଟ କ୍ଲବର ବିଶ୍ୱଜିତ୍ ସିଂ, ଦେବାନନ୍ଦ ସରସ୍ୱତୀ, ହିମାଂଶୁ ପାତ୍ର, ଅନିଲ ସାହୁ, ନରେଶ ସିଂ, ଶୁଭେନ୍ଦୁ ସିଂ, ପାପୁନି ପାଣି, ରାଜେଶ ପଣ୍ଡା, ମିଳନ ସିଂ, ସତ୍ୟନାରାୟଣ ପରିଡା, ଚିନୁ ପାଣି, ବିମଳ ସିଂ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଆଇପିଏଲ୍‌କୁ ଅନୁସରଣ କରି ୧୨ବର୍ଷ ହେଲା ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଆସୁଛି। ତେବେ କୋଭିଡ୍ କଟକଣା ପାଇଁ ଗତ ୨ବର୍ଷ ହେଲା ଏହା ବନ୍ଦ ଥିଲା।


ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳ।

# ସ୍ୱାସ୍ଥ୍ୟ ଯୋଜନାର ସୁଯୋଗ ନିଅ

- କରୋନା ସଂକ୍ରମଣ ବୃଦ୍ଧିକୁ ନେଇ ଚିନ୍ତା
- ଦିନ ୧୧ଟା ପରେ ସଭାସମିତିକୁ ବାରଣ

ଢେଙ୍କାନାଳ ଅଫିସ, ୨୦।୪



ସମୀକ୍ଷା ବୈଠକରେ ଜିଲାପାଳ, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗର ପଦସ୍ଥ ଅଧିକାରୀମାନେ।

ଦେଶରେ ଉପରମୁହାଁ ହୋଇଥିବା କରୋନା ସଂକ୍ରମଣକୁ ନେଇ ଢେଙ୍କାନାଳ ଜିଲା ପ୍ରଶାସନର ଚିନ୍ତା ବଢ଼ିଛି। ଏଥିପ୍ରତି ଜିଲାବାସୀଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି ଜିଲାପାଳ ସରୋଜ କୁମାର ସେଠୀ। ଜିଲା କାର୍ଯ୍ୟାଳୟ ଓସ୍ୱାନ୍ ଭିଡିଓ କନ୍‌ଫରେନ୍ସ ହଲ୍‌ରେ ମଙ୍ଗଳବାର ଆୟୋଜିତ କୋଭିଡ୍ ପରିଚାଳନା ଏବଂ ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା ବୈଠକରେ ଯୋଗଦେଇ ଜିଲାପାଳ ଜନସାଧାରଣଙ୍କୁ କୋଭିଡ୍ ନିୟମ ମାନିବାକୁ ନିବେଦନ କରିଛନ୍ତି। ଏଥିସହ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମିଳୁଥିବା ନିଃଶୁଳ୍କ ଚିକିତ୍ସା ସେବାର ସୁଯୋଗ ନେବାକୁ କହିଛନ୍ତି।

ଜିଲାରେ ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁ ପୂର୍ବାହ୍ନ ୧୧ଟା ପରେ ସଭାକାର୍ଯ୍ୟ ନ କରିବା, କାର୍ଯ୍ୟାଳୟରେ ଗହଳି ନ ବଢ଼ାଇବା ପାଇଁ ପରାମର୍ଶ ଦିଆଯାଇଛି। ସୋମବାର ନିଜ କାର୍ଯ୍ୟାଳୟରେ ଜନଶୁଣାଣି କରି ସମସ୍ୟାର ଯଥାଶୀଘ୍ର ସମାଧାନ କରିବାକୁ ବିଡିଓ, ତହସିଲଦାର ଏବଂ ବିଭାଗୀୟ ଅଧିକାରୀଙ୍କୁ କୁହାଯାଇଛି। ଅଙ୍ଗନୱାଡି କେନ୍ଦ୍ରକୁ ପାଣି ଯୋଗାଣ, ବିଦ୍ୟୁତ୍ ସଂଯୋଗ, ଶୌଚାଳୟ, ପୋଷଣ ଉଦ୍ୟାନ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରାଯାଇଛି। ଏପ୍ରିଲ୍ ଶେଷ ସୁଦ୍ଧା '୫-ଟି' ସ୍କୁଲ ରୂପାନ୍ତରୀକରଣ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ସ୍ଥାନୀୟ ଶିକ୍ଷାବିତ୍, ଅବସରପ୍ରାପ୍ତ ଶିକ୍ଷକ, ଅଧ୍ୟାପକ, ସାମାଜିକ କର୍ମୀ ସ୍ୱତଃପ୍ରବୃତ୍ତ ଭାବେ ଆଗେଇ ଆସିବାକୁ ପରାମର୍ଶ ଦିଆଯାଇଛି। ଜିଲାର ୬୨ ଜଳକ୍ଲିଷ୍ଟ ଅଞ୍ଚଳରେ ସମସ୍ତ ନଳକୂପ କାର୍ଯ୍ୟକ୍ଷମ କରାଇବା, ଆବଶ୍ୟକସ୍ଥଳେ ଟ୍ୟାଙ୍କର ଯୋଗେ ଜଳଯୋଗାଣ, ଜଳଛତ୍ର ବ୍ୟବସ୍ଥା କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ହିତାଧିକାରୀଙ୍କୁ ସୁବିଧାରେ ଭତ୍ତା, ପେନ୍‌ସନ ରାଶି ପ୍ରଦାନ, ରେଡ୍‌କ୍ରସ୍ ପାଣ୍ଠିର ସୁବିନିଯୋଗ, ଜିଲାର ସମସ୍ତ ପଞ୍ଚାୟତରେ ମଡେଲ ରୁରାଲ ପାର୍କ, ପୋଖରୀ ଓ ରାସ୍ତା ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ କୁହାଯାଇଛି। ଲଘୁଖଣିଜ ଚୋରା ଚାଲାଣରେ ତୀକ୍ଷ୍ଣ ନଜର ରଖିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାଶ ପରାମର୍ଶ ଦେଇଛନ୍ତି। କରୋନା ସଂକ୍ରମଣ ବଢୁଥିବାରୁ ୧୨ରୁ ୧୭ବର୍ଷ ପିଲା, ସମସ୍ତ ଆଗଧାଡ଼ିର କର୍ମୀ, ସ୍ୱାସ୍ଥ୍ୟକର୍ମୀ ଓ ସହକାରୀ କର୍ମୀଙ୍କୁ ଅଗ୍ରାଧିକାର ଭିତ୍ତିରେ ଟିକାକରଣ କରାଯାଉଛି ବୋଲି ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା. ଜ୍ୟୋତିଷ ଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି।

ବୈଠକରେ ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ଆଇଏଏସ୍ ପ୍ରୋବେଶନର ବିଭୂତି ଭୂଷଣ ନାୟକ, ଜିଲା ଶିକ୍ଷାଧିକାରୀ ନିବେଦିତା ପାଣି, ସମାଜ ମଙ୍ଗଳ ଅଧିକାରୀ ଜ୍ୟୋତ୍ସ୍ନା ରାୟ, ସାମାଜିକ ସୁରକ୍ଷା ଅଧିକାରୀ ଶୁଭେନ୍ଦୁ ଖୁଣ୍ଟିଆ, ଆପାତକାଳୀନ ଅଧିକାରୀ ସ୍ନିଗ୍ଧାଛାୟା ମହାପାତ୍ର, ତହସିଲଦାର ଅନୁପମା ମୁର୍ମୁ, ଓସ୍‌ଡମା ଡିପିଓ ନିମାଇଁ ଚରଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

